**୩୨ ଗ୍ରାମ ହେରୋଇନ ଜବତ, ବୃଦ୍ଧା ଗିରଫ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା) : ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ଚଢ଼ାଉ କରି ନିଶାଦ୍ରବ୍ୟ କାରବାର କରୁଥିବା ଜଣେ ବୃଦ୍ଧାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି। ସେ ହେଲେ ସୁଭାଷିନୀ ସେଠୀ (୭୦)। ତାଙ୍କଠାରୁ ୩୨ ଗ୍ରାମ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ।

## ସଂକ୍ଷେପରେ

### ଲିଫ୍ଟ ଦେବା ଆଳରେ ଲୁଟ୍, ୨ ଗିରଫ

ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)

ଲିଫ୍ଟ ଦେବା ଆଳରେ ଜଣେ ଯୁବକଙ୍କୁ ଅନ୍ଧାରୁଆ ସ୍ଥାନକୁ ନେଇ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସିମାଦ୍ରି ରାଓ ଓ ଦୀପୁ ବେହେରା। ସୂଚନାନୁସାରେ, ଅଭିଯୋଗକାରୀ ଦୟାନିଧି ତାଙ୍କର ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଟ୍ରେନ ଯୋଗେ ବାଲେଶ୍ୱରରୁ ଭୁବନେଶ୍ୱର ଆସିଥିଲେ। ବିଳମ୍ବିତ ରାତିରେ ସେ ହସ୍ପିଟାଲକୁ ଯିବା ପାଇଁ ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଅଟୋ ଖୋଜୁଥିବାରୁ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ତାଙ୍କ ନିକଟକୁ ଆସି କମ୍ ଭଡାରେ ଛାଡିଦେବା ପାଇଁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ ରଖି ଦୟାନିଧି ତାଙ୍କ ସହ କିଛି ବାଟ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ସ୍କୁଟିରେ ତାଙ୍କୁ ଏକ ଅନ୍ଧାରୁଆ ସ୍ଥାନକୁ ନେଇଯାଇଥିଲେ। ଏହାପରେ ତାଙ୍କଠାରୁ ୮ ହଜାର ଟଙ୍କା ଓ ମୋବାଇଲ ନେଇ ଫେରାର ହୋଇଯାଇଥିଲେ।

### ବାଲ୍ୟବିବାହ ରୋକିବାକୁ ଶପଥ

ପୁରୁଣା ଭୁବନେଶ୍ୱର,୧୨।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

କୈଳାସ ସତ୍ୟାର୍ଥୀ ଚିଲ୍ଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ବୁଧବାର ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳନ କରାଯାଇଛି। ଖୋର୍ଦ୍ଧା ଜିଲା ବ୍ୟାପୀ କାର୍ଯ୍ୟକ୍ରମରେ କନ୍ୟା ସନ୍ତାନମାନେ ଶିଶୁ ସୁରକ୍ଷା ସଂକ୍ରାନ୍ତୀୟ ଅଧିକାରୀଙ୍କୁ ଭେଟି ଝିଅଙ୍କୁ ଦେଶ ଗଠନରେ ଭାଗୀଦାରି କରାଇବାକୁ ଓ ବାଲ୍ୟବିବାହ ରୋକିବାକୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସୁପ୍ରିମ କୋର୍ଟରେ ବରିଷ୍ଠ ଓକିଲ ତଥା ଶିଶୁ ଅଧିକାର କର୍ମୀ ଭୁବନ ରିଭୁଙ୍କ ଦ୍ୱାରା ଲିଖିତ ବାଲ୍ୟ ବିବାହ ସଂକ୍ରାନ୍ତୀୟ ପୁସ୍ତକ 'ଯେତେବେଳେ ପିଲାମାନେ ପିଲା ଜନ୍ମ କରନ୍ତି' (when children have children) ପୁସ୍ତକକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ ହୋଇଥିଲା। ଉତ୍ସବରେ ଆୟୋଗର ସଦସ୍ୟା ସସ୍ମିତା ନନ୍ଦ, ଅନିତା ବେହେରା, ଛବି ମୋହାଳିକ, ରୁବି ବିଶ୍ୱାଳ, ସୁଜାତା ଜେନା, ଜଳିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଝିଅମାନେ ଭୁବନେଶ୍ୱର କଟକ କମିଶନରେଟ ପୋଲିସର କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ରାଖୀ ବାନ୍ଧିଥିଲେ। ଭୁବନେଶ୍ୱର ଓ କଟକରେ କମିଶନରେଟ ପୋଲିସ ଅଞ୍ଚଳରେ ଝିଅମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରିୟଦର୍ଶୀ କହିଥିଲେ। ଝିଅମାନେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ପାଣି, ଖୋର୍ଦ୍ଧା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ସୁନିତା ପଣ୍ଡା, ବ୍ରଜକିଶୋର ମହାପାତ୍ର, ସୁଷମା ମହାନ୍ତି, ଖୋର୍ଦ୍ଧା ଜିଲା ପୋଲିସ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଡିଏସ୍‌ପି ମୀନାକ୍ଷୀ ଠାକୁର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା ପ୍ରମୁଖଙ୍କୁ ଭେଟି ରାଖୀ ବାନ୍ଧି ସ୍ମାରକପତ୍ର ପ୍ରଦାନ କରିଥିଲେ।

# 'ଭକ୍ତଙ୍କୁ ଶାଳୀନ ପୋଷାକ ପିନ୍ଧିବା ନେଇ ସଚେତନ କର'

ପୁରୀ, ୧୨।୧୦(ଅଜିତ ମହାନ୍ତି):

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ପ୍ରସଙ୍ଗରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଚିଠି ମାଧ୍ୟମରେ ସମସ୍ତ ନିଯୋଗ ସମ୍ପାଦକ ଏବଂ ସଭାପତିଙ୍କୁ ଅବଗତ କରାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ଗତ ୯ ତାରିଖରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ କରାଯାଇଛି। ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିବା ବାଞ୍ଛନୀୟ। ଏଥିନିମନ୍ତେ ନିର୍ଦ୍ଦିଷ୍ଟ କୌଣସି ପୋଷାକ ତାଲିକା ଧାର୍ଯ୍ୟ କରାଯାଇନାହିଁ। ତେବେ ପୁରୁଷମାନେ ପ୍ୟାଣ୍ଟ, ସାର୍ଟ, ଚୁଡ଼ିଦାର ପଞ୍ଜାବୀ, ଧୋତି ଆଦି ପାରମ୍ପରିକ ପୋଷାକ ପିନ୍ଧିପାରିବେ। ସେହିପରି ମହିଳାମାନେ ଶାଢ଼ି, ସାଲୱାର କମିଜ ପରି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ, ଯାହା ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ସହ ଆଧ୍ୟାତ୍ମିକ ସମର୍ପଣ ମନୋଭାବ ସଞ୍ଚରଣ କରିବ। ସେବାୟତମାନେ କେଉଁ ଅନାଦି କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହିମାର ପ୍ରଚାର ପ୍ରସାର କରିଆସୁଛନ୍ତି। ଦୂରାଗତ ଭକ୍ତମାନେ ସେବାୟତଙ୍କ ସହଯୋଗରେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇଥାନ୍ତି। ତେଣୁ ବାହାରୁ ଆସୁଥିବା ଭକ୍ତଙ୍କୁ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନେଇ ପ୍ରଶିକ୍ଷିତ ଓ ସଚେତନ କରିବା ପାଇଁ ଚିଠିରେ

**ସମସ୍ତ ନିଯୋଗ, ପ୍ରଶାସନ, ହୋଟେଲକୁ ଚିଠି ଲେଖିଲା ଶ୍ରୀମନ୍ଦିର ପ୍ରଶାସନ**

ଅନୁରୋଧ କରାଯାଇଛି। ବିଶେଷକରି ଭକ୍ତମାନେ ହାପ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସ, ଅନାବଶ୍ୟକ ଶରୀର ପ୍ରଦର୍ଶନ ଏବଂ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବା ଯେ କୌଣସି ପୋଷାକ ବର୍ଜନୀୟ। ବର୍ତ୍ତମାନ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ଆସନ୍ତା ନବବର୍ଷଠାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇପାରେ। ମହାନ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସୁରକ୍ଷା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସେବାୟତ ନିଯୋଗ ଠାରୁ ସହାୟତା ଲୋଡ଼ୁଛି ବୋଲି ଚିଠିରେ ଦର୍ଶାଯାଇଛି। ପୁରୀର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟର ମାଲିକ ଓ କର୍ମଚାରୀମାନେ ଏନେଇ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ କୁହାଯାଇଛି। ଆବଶ୍ୟକସ୍ଥଳେ ପଦକ୍ଷେପ ନେବାକୁ ଆରକ୍ଷୀ ଅଧୀକ୍ଷକ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ, ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ଉନ୍ନୟନ ପ୍ରଶାସନ, ଉପଜିଲାପାଳ, ସିଂହଦ୍ୱାର ଥାନା ଅଧିକାରୀ, ଶ୍ରୀମନ୍ଦିର କମାଣ୍ଡର ଓ ସୁପରଭାଇଜରଙ୍କ ସମେତ ସମସ୍ତ ଭକ୍ତନିବାସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ନିକଟକୁ ଏହି ଚିଠିର ନକଲ ପଠାଯାଇଛି।



ବଲିଉଡ୍ ଅଭିନେତା କିରଣ କୁମାର ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ଦାଦାବଟି ନ ଦେବାରୁ ରେଷ୍ଟୁରାଣ୍ଟ କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)

ଦଶହରା ପାଇଁ ୫୦ ହଜାର ଦାଦାବଟି ନ ଦେବାରୁ ରେଷ୍ଟୁରାଣ୍ଟ ଭିତରେ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ବହୁ ମୂଲ୍ୟବାନ ଜିନିଷ ଭାଙ୍ଗି ନଷ୍ଟ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଫେରାର ଥିବା ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଡଗଡ ଥାନା ଅଞ୍ଚଳର ଟୁଲୁ ବିଶୋଇ ଓ ରମେଶ ମଣ୍ଡଳ। ତେବେ ଏହି ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଛନ୍ତି। ସୂଚନାନୁସାରେ, ଗତ ୬ ଅକ୍ଟୋବର ରାତିରେ ରେଷ୍ଟୁରାଣ୍ଟ ବନ୍ଦ କରୁଥିବା ସମୟରେ ଅଭିଯୁକ୍ତ ଓ ତାଙ୍କର କେତେଜଣ ସହଯୋଗୀ ଘଟଣା ସ୍ଥଳକୁ ଆସି ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ସହିତ ଝଗଡା କରିଥିଲେ। ଏହାସହ ଦଶହରା ପାଇଁ ୫୦ ହଜାର ଟଙ୍କା ବଟି ମାଗିଥିଲେ। ଅଭିଯୋଗକାରୀ ମନା କରିଦେବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିବା ସହ ହୋଟେଲର ବିଭିନ୍ନ ସାମଗ୍ରୀ ସହ ଲାପଟପ, ଡେସ୍କଟପ, ସିସିଟିଭି ଓ ଗ୍ଲାସ୍ ଟେବୁଲ ଆଦି ଭଙ୍ଗାରୁଜା କରି ପଳାଇଥିଲେ।

## ବିଶ୍ୱନାଥ ବିଦ୍ୟାପୀଠରେ ଏନ୍‌ଟିପିସି ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟିତ



ସ୍ମାର୍ଟ କ୍ଲାସ୍ ରୁମ୍ ଉଦଘାଟନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)

ଏନ୍‌ଟିପିସି ଇଷ୍ଟର୍ନ ରିଜିଅନ-୨ ହେଡ୍‌କ୍ୱାର୍ଟର୍ସ ପକ୍ଷରୁ କଟକ ଆଠଗଡ଼ସ୍ଥିତ ବିଶ୍ୱନାଥ ବିଦ୍ୟାପୀଠରେ ସ୍ମାର୍ଟ କ୍ଲାସ୍ ରୁମ୍ ଉଦଘାଟିତ ହୋଇଯାଇଛି। ଡିଜିଟାଲ ଶିକ୍ଷାକ୍ଷେତ୍ରରେ ବିଦ୍ୟାର୍ଥୀମାନଙ୍କୁ ଅଗ୍ରସର କରାଇବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବିଦ୍ୟାଳୟ ଆଠଗଡ଼ ଅଞ୍ଚଳର ବହୁ ପୁରାତନ ହୋଇଥିବାରୁ ରାଜ୍ୟ ସରକାରଙ୍କ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ କରାଯାଇ ବିକାଶମୂଳକ କାର୍ଯ୍ୟ ଚାଲିଛି। ତେବେ ଏନଟିପିସି ସ୍ମାର୍ଟ କ୍ଲାସରେ ଲାଗିଥିବା 'ସ୍ମାର୍ଟ ଇଣ୍ଟରାକ୍ଟିଭ୍ ବୋର୍ଡ' ସହ ଅନ୍ୟାନ୍ୟ ସ୍ମାର୍ଟ ଉପକରଣ ପିଲାଙ୍କ ପାଠପଢ଼ାକୁ ସରଳ କରିବ ବୋଲି ଆଶା କରାଯାଉଛି। ଏହି କ୍ରମରେ ବିଦ୍ୟାଳୟରେ ସଙ୍ଗୀତ କକ୍ଷ ମଧ୍ୟ ଉଦ୍‌ଘାଟନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ଏନଟିପିସି ଇଷ୍ଟର୍ନ ରିଜିଅନ-୨ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପାର୍ଥ ମଜୁମଦାର, ଜେନେରାଲ ମ୍ୟାନେଜର ରଜନିଶ୍ ରସ୍ତୋଗୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଆଠଗଡ଼ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ ଯୋଗ ଦେଇଥିଲେ। ଏନଟିପିସିର ସିଏସ୍‌ଆର କାର୍ଯ୍ୟକଳାପ ମଧ୍ୟରୁ ଏହା ଗୋଟିଏ ବୋଲି ଏନଟିପିସି ପକ୍ଷରୁ କୁହାଯାଇଛି।

## ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟର ବନ୍ଧୁମିଳନ



ବାଲକାଟୀ,୧୨।୧୦(ମନୋଜ ମଣ୍ଡଳ)

ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବାଲକାଟୀସ୍ଥିତ ମା' ଦୁଲ୍ଲାଦେବୀ ମନ୍ଦିର ପରିସରରେ ଗୁରୁବାର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସାମାଜିକ କର୍ମୀ ସତ୍ୟପ୍ରିୟ ବେହେରା ବନ୍ଧୁମିଳନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଜୟଦେବ ନିର୍ବାଚନମଣ୍ଡଳୀରେ ଜନସେବାକୁ କିପରି ବ୍ୟାପକ କରାଯିବ ତା' ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ କମିଟି ଗଠନ କରାଯାଇ ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ ପ୍ରତି ପଞ୍ଚାୟତରେ ଥିବା ଅସହାୟ, ଦୁଃଖୀ ତଥା ପୀଡ଼ିତଙ୍କ ଚିକିତ୍ସା ଓ ଅଭାବ ଅସୁବିଧାର ଦ୍ରୁତ ସମାଧାନ ଦିଗରେ ଅନୁଷ୍ଠାନ ସମସ୍ତ ପଦକ୍ଷେପ ନେବ ଓ ଏ ଦିଗରେ ସମସ୍ତ ଯୁବ ସାମାଜିକ କର୍ମୀ ସହଯୋଗ କାମନା କରିଥିଲେ। ଉତ୍ସବରେ ସାମାଜିକ କର୍ମୀ ନିଶିକାନ୍ତ ପଣ୍ଡା, ରୁଦ୍ରପ୍ରସାଦ ଭଞ୍ଜ, ପବିତ୍ର ବେହେରା, ଜଗମୋହନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ୱାର୍ଡ ଅଫିସ କାର୍ଯ୍ୟ ଅଗ୍ରଗତି ସମୀକ୍ଷାକଲେ ମେୟର

ଭୁବନେଶ୍ୱର, ୧୨।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ୱାର୍ଡ ଅଫିସ କାର୍ଯ୍ୟ ଅଗ୍ରଗତିକୁ ନେଇ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ଅଞ୍ଚଳର ନାଗରିକଙ୍କୁ ହାତ ପାଆନ୍ତାରେ ସେବା ଯୋଗାଇ ଦେବାକୁ ବିଏମ୍‌ସିର ୬୭ଟି ୱାର୍ଡରେ କାର୍ଯ୍ୟାଳୟ ହେବା ପାଇଁ ଯୋଜନା ରହିଛି। ଏବେ ୫୫ଟି ୱାର୍ଡ ଅଫିସ୍ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସେଥିମଧ୍ୟରୁ ଉତ୍ତର ଜୋନ୍‌ରେ ଥିବା ମୋଟ ୨୧ଟି ୱାର୍ଡ ଅଫିସ ହେବାକୁ ଥିବାବେଳେ ୨୦ଟି ୱାର୍ଡ ଅଫିସ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ଦକ୍ଷିଣ ଜୋନ୍‌ରେ ୨୧ଟି ୱାର୍ଡ ପାଇଁ ଅଫିସ ନିର୍ମାଣ ହେବାକୁ ଥିବାବେଳେ ୧୫ଟିର କାର୍ଯ୍ୟାଦେଶ ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ମୋଟ ୨୫ଟି ୱାର୍ଡ ମଧ୍ୟରୁ

**୬୭ରୁ ୫୫ ୱାର୍ଡ ଅଫିସ୍‌ର କାର୍ଯ୍ୟାଦେଶ ମିଳିଛି**

୨୦ଟି ୱାର୍ଡ ଅଫିସ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଅବଶିଷ୍ଟାଂଶ ୧୨ଟି ୱାର୍ଡରେ ଜମି ଚିହ୍ନଟ ଓ ଅଧିଗ୍ରହଣକୁ ନେଇ ସମସ୍ୟା ରହିଥିବାବେଳେ ତାହା ଖୁବ୍‌ଶୀଘ୍ର ସମାଧାନ ହେବ ଏବଂ କାର୍ଯ୍ୟାଦେଶ ଦିଆଯିବ ବୋଲି ସୂଚନା ଦିଆଯାଇଛି। ୱାର୍ଡ ଅଫିସ୍‌ଗୁଡ଼ିକୁ ସ୍ୱତନ୍ତ୍ର ପ୍ଲାନିଂରେ କରାଯାଉଛି। ସମସ୍ତ ୱାର୍ଡ ଅଫିସରେ ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଶୌଚାଳୟର ବ୍ୟବସ୍ଥା ରହିଛି। ଇତିମଧ୍ୟରେ ଅନେକ ୱାର୍ଡ ଅଫିସ୍ କାମ ଆରମ୍ଭ ହୋଇସାରିଲାଣି। ୱାର୍ଡ ଅଫିସ କାର୍ଯ୍ୟକାରୀ ହେଲେ ଲୋକମାନଙ୍କୁ ଆଉ ବିଏମ୍‌ସି ଅଫିସ୍‌କୁ ଦୌଡ଼ିବାକୁ ପଡିବ ନାହିଁ। ନିଜ ନିଜ ୱାର୍ଡରେ ସେମାନଙ୍କର ଛୋଟ ଛୋଟ ସମସ୍ୟା ଯଥା ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା, ରାଶନ କାର୍ଡ, ହୋଲଡିଂ ଟାକ୍ସ, ପରିମଳଜନିତ ଅସୁବିଧା, ସ୍ୱେରେଜ, ରାସ୍ତା, ବିଦ୍ୟୁତ୍ ମରାମତି ଆଦି ଅଧିକାଂଶ ସମସ୍ୟା ସମାଧାନ ହୋଇପାରିବ। ତେବେ ମେୟର ସୁଲୋଚନା ଦାସ ଚାଲୁ ରହିଥିବା ନିର୍ମାଣ କାମ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କାର୍ଯ୍ୟର ଅଗ୍ରଗତି ସଂପର୍କରେ ନିର୍ବାହୀ ଯନ୍ତ୍ରୀ ଓ ଜୋନାଲ୍ ଡେପୁଟି କମିଶନରମାନେ ତଦାରଖ କରି ପ୍ରତି ମାସରେ ରିପୋର୍ଟ ଦେବାକୁ କହିଥିଲେ। ବୈଠକରେ ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ପ୍ରୀତିନନ୍ଦା ରାଉତରାୟ, ବିନୟିନୀ ଜେନା, ମିହିର କୁମାର ରାଉତ, ପ୍ରେମାନନ୍ଦ ଜେନା, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ଲ୍ୟାଣ୍ଡ ଅଫିସର ତଥା ଡେପୁଟି କମିଶନର ରାଜକିଶୋର ଜେନା, ୩ଜୋନ୍‌ର ଜୋନାଲ ଡେପୁଟି କମିଶନର, ସମସ୍ତ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଡିଭାଇଡରରେ ପିଟି ହୋଇ ବାଇକକୁ ଧକ୍କା ଦେଲା କାର, ୩ ଆହତ

ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି ଛକ ନିକଟ ଓଭରବ୍ରିଜ ଉପରେ ବୁଧବାର ରାତି ପ୍ରାୟ ଗୋଟାଏରେ ଏକ ସଡକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧା ଆଡୁ ଦ୍ରୁତଗତିରେ ଆସୁଥିବା ଏକ କାର ଡିଭାଇଡରରେ ପିଟି ହୋଇ ରାସ୍ତାର ଅପରପାର୍ଶ୍ୱରେ ଏକ ବାଇକକୁ ଜୋର୍‌ରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବାଇକରେ ଯାଉଥିବା ୨ଜଣ ଯୁବକ ଓ କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କର ପରିଚୟ ମିଳି ନ ଥିବାବେଳେ ଦୁଇ ଗାଡି କ୍ଷତିଗ୍ରସ୍ତ ହୋଇଛି। ପୋଲିସ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବାଇକରେ ଆସୁଥିବା ୨ ଯୁବକ ସଂପର୍କୀୟଙ୍କୁ ଦେଖାକରିବାକୁ ରସୁଲଗଡ଼ପଟୁ ଏମ୍‌ସ ମେଡିକାଲକୁ ଯାଉଥିବାବେଳେ ଏହି ଘଟଣା ଘଟିଥିଲା।

## ପର୍ଯ୍ୟଟକଙ୍କୁ ଠକେଇ, ଟ୍ରାଭେଲ୍ସ ଏଜେନ୍ସି ମାଲିକ ଗିରଫ

ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)

ଓଡିଶାର ଜଣେ ପର୍ଯ୍ୟଟକଙ୍କୁ ସାଢେ ୩ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣେ ଟ୍ରାଭେଲ୍ସ ଏଜେନ୍ସିର ମାଲିକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଦେବଦତ୍ତ ବାରିକ। ଠକେଇର ଶିକାର ପର୍ଯ୍ୟଟକ ହେଲେ ରାଜେଶର ପାତ୍ର। ସେ ପରିବାର ସହ ସିଙ୍ଗାପୁର ବୁଲିବାକୁ ଯାଇଥିଲେ। ଏଥିପାଇଁ ଟଙ୍କପାଣି

**ସିଙ୍ଗାପୁରରେ ହଟହଟା ଓଡ଼ିଆ ପର୍ଯ୍ୟଟକ ପରିବାର**

ରୋଡରେ ଥିବା ଏମ/ଏସ୍ ଏସଡି ଆଣ୍ଡ ଏସଟି ଟ୍ରାଭେଲ୍ସ ନାମକ ଏକ ଏଜେନ୍ସିକୁ ଯାଇ ସିଙ୍ଗାପୁରରେ ଗତ ସେପ୍ଟେମ୍ବର ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଟେଲ ରହଣି, ଖାଦ୍ୟ, ଏୟାର ଟିକେଟ, ଭିସା ଏବଂ ପରିବହନ ବାବଦକୁ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ପାଇଁ ସମୁଦାୟ ସାଢେ ୩ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ସେମାନେ ସିଙ୍ଗାପୁରରେ ପହଞ୍ଚିବା ପରେ ଜାଣିବାକୁ ପାଇଥିଲେ ଯେ, ଉକ୍ତ ଟ୍ରାଭେଲ ଏଜେନ୍ସି ଦ୍ୱାରା ସିଙ୍ଗାପୁର ଏଜେନ୍ସିକୁ କୌଣସି ହୋଟେଲ ବୁକ୍ କିମ୍ବା ଯାତ୍ରା ଖର୍ଚ୍ଚ ଦିଆଯାଇନାହିଁ। ଫଳରେ ସେମାନେ ସେଠାରେ ବହୁ ହଟହଟା ହୋଇଥିଲେ। ଏନେଇ ଅଭିଯୋଗକାରୀ ଉକ୍ତ ଟ୍ରାଭେଲ ଏଜେନ୍ସିର ମାଲିକଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ତେବେ ଅଭିଯୋଗକାରୀ ଭୁବନେଶ୍ୱର ଫେରିବା ପରେ ଏନେଇ ବଡଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଆଖି କହିଥାଏ ପ୍ରକୃତି, ଆଲୋକର କଥା



ପୁରୁଣା ଭୁବନେଶ୍ୱର,୧୨।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଶରୀରର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ଚକ୍ଷୁ ପ୍ରକୃତିର ଏକ ଅନନ୍ୟ ଉପହାର। ଆଖି କହିଥାଏ ପ୍ରକୃତି ଓ ଆଲୋକର କଥା। ଆଖି ନାହିଁ ତ ଦୁନିଆ ଅନ୍ଧାର। ସାଧାରଣତଃ ମଣିଷର ଖରାପ ଜୀବନଶୈଳୀ ଯୋଗୁ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସହ ଆଖି ଉପରେ ତାହାର ପ୍ରଭାବ ପଡ଼ିଥାଏ। ଦୃଷ୍ଟିଶକ୍ତିକୁ ତାଜା ରଖିବାକୁ ନିୟମିତ ସବୁଜ ପନିପରିବା ଏବଂ ଭିଟାମିନ୍- 'ଏ' ଯୁକ୍ତ ଖାଦ୍ୟ ଖାଇବା ନିତାନ୍ତ ଆବଶ୍ୟକ। ଏହିଭଳି ବହୁ ଉପାଦେୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚକ୍ଷୁ ଡାକ୍ତର ଓ ବିଶେଷଜ୍ଞମାନେ ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଉପସ୍ଥାପନ କରି ସତର୍କ କରାଇଛନ୍ତି। ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ', ଆଡ୍‌ଭାନ୍ସ ଆଇ କେୟାର ହସ୍ପିଟାଲ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡା. ନିରନ ରାଜ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ, ସାମାଜିକ କର୍ମୀ ସୁଶାନ୍ତ ସାହୁ, 'ବୁଲ୍‌ସଆଇ'ର ଚେୟାରମ୍ୟାନ ତ୍ରିଲୋଚନ ବେଉରା, ସମ୍ପାଦକ ବାପିନା ନାୟକ, କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦନ ସାମଲ ପ୍ରମୁଖ ଯୋଗଦେଇ ଚଳିତବର୍ଷର ଥିମ୍ ରହିଥିବା 'କର୍ମକ୍ଷେତ୍ରରେ ଚକ୍ଷୁର ଯତ୍ନ' ସମ୍ପର୍କରେ ଆଲୋକପାତ କରିଥିଲେ। ଶହେରୁ ଉର୍ଦ୍ଧ୍ୱ ଲୋକଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଚକ୍ଷୁର ଯତ୍ନ ଓ ମହତ୍ତ୍ୱ ଉପରେ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ 'ବୁଲ୍‌ସଆଇ' ପକ୍ଷରୁ ଉତ୍ତରୀୟ, ମୋମେଣ୍ଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ବାପିନା ନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଟଙ୍କପାଣି ରୋଡ଼ର ୯ହଜାର ବର୍ଗଫୁଟ ଜମିରୁ ଜବରଦଖଲ ହଟିଲା

ଭୁବନେଶ୍ୱର, ୧୨।୧୦ (ବନ୍ଦନା ସେଠୀ)



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏନଫୋର୍ସମେଣ୍ଟ ଟିମ୍ ଗୁରୁବାର ପ୍ରାୟ ୯ ହଜାର ବର୍ଗଫୁଟ ଜମିକୁ ଅବରୋଧମୁକ୍ତ କରିଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍ ବ୍ରହ୍ମେଶ୍ୱରପାଟଣା ଛକ ନିକଟରେ ରାସ୍ତା ପାଇଁ ଥିବା ସରକାରୀ ଜମିକୁ ବାଞ୍ଛାନିଧି ବହଳ ଓ ନକୁଳ ବହଳ ଜବରଦଖଲ କରି ପରିବାର ସହ ରହୁଥିଲେ। ଏନେଇ ପ୍ରଭାରଞ୍ଜନ ପଟ୍ଟନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଉକ୍ତ ଜମିକୁ ଜବରଦଖଲମୁକ୍ତ କରାଇ ରାସ୍ତା ଲାଗି ଅପିଲ କରିଥିଲେ। ସେପ୍ଟେମ୍ବର ୪ରେ ହାଇକୋର୍ଟ ଏହି ମାମଲାରେ ବିଚାର କରି ଉକ୍ତ ପ୍ଲଟକୁ ଜବରଦଖଲମୁକ୍ତ କରିବାକୁ ରାୟ ଶୁଣାଇବା ସହ ୬ ସପ୍ତାହ ଅର୍ଥାତ୍ ଆସନ୍ତା ୧୪ ମଧ୍ୟରେ ଉଚ୍ଛେଦ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନର ଜୋନାଲ ଡେପୁଟି କମିଶନରଙ୍କ ରିକ୍ୟୁଜିଶନକ୍ରମେ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ଏହି ଉଚ୍ଛେଦ କରିଛି। ଉଚ୍ଛେଦରେ ୪ଟି କୋଠାଘର, ୭ଟି ଆଜବେଷ୍ଟସ୍ ଘର, ୩ଟି କାଠ କ୍ୟାବିନ୍ ଓ ଗୋଟିଏ ଟିଣ ଦୋକାନ ଭଙ୍ଗାଯାଇଛି। ସୂଚନାଯୋଗ୍ୟ, ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବିଡିଏ ଏନଫୋର୍ସମେଣ୍ଟ ଦଳ ଉଚ୍ଛେଦ ପ୍ଲଟ ନଂ. ୧୨୪୯ ଓ ୧୨୪୯/୧୭୭୮ରେ ଉଚ୍ଛେଦ ଲାଗି ପହଞ୍ଚିଥିଲା। ଉଚ୍ଛେଦ ସମୟରେ ପ୍ରବଳ ବିରୋଧ ହେବ ବୋଲି ପୂର୍ବରୁ ସୂଚନା ଥିବାରୁ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଥାନା କର୍ତ୍ତୃପକ୍ଷଙ୍କ ସମେତ ୨ ପ୍ଲାଟୁନ ରିଜର୍ଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ସେଠାରେ ଉପସ୍ଥିତ ଥିଲେ। ଉଚ୍ଛେଦ ଆରମ୍ଭ ହେବା ସମୟରେ ଜବରଦଖଲକାରୀ ଉଚ୍ଛେଦକୁ ବିରୋଧ କରିଥିଲେ। ପରେ ଥାନା ଅଧିକାରୀ ଓ ପୋଲିସଙ୍କ ହସ୍ତକ୍ଷେପ ପରେ ଉଚ୍ଛେଦ କରାଯାଇ ରାସ୍ତା ଲାଗି ଉଦ୍ଦିଷ୍ଟ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଉଚ୍ଛେଦରେ ବିଡିଏ ଏନଫୋର୍ସମେଣ୍ଟ ଓଏସଡି ଦେବରାଜ ସେଠୀ, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ ୨୨, ୨୪ ଓ ୨୫ ନମ୍ବର ଏନଫୋର୍ସମେଣ୍ଟ ସ୍କ୍ୱାଡ ଓ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ସ୍କ୍ୱାଡ ଉପସ୍ଥତ ଥିଲେ।

## ସଂକ୍ଷେପରେ

### ୩୧୯ ଗ୍ରନ୍ଥାଗାରିକ ପଦବୀ ପୂରଣ ଦାବି

**ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୧୫ରୁ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଏଥିରେ ଥିବା ପାଠାଗାର ନିମନ୍ତେ ୩୧୯ଟି ଗ୍ରନ୍ଥାଗାରିକ ପଦବୀ ପୂରଣ ହୋଇନାହିଁ। ଏନେଇ ଓଡ଼ିଶା ଲାଇବ୍ରେରୀ ମୁଭ୍‌ମେଣ୍ଟ ପକ୍ଷରୁ ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଯୋଜକ ସୁନୀଲ ମିଶ୍ର, ପ୍ରଦୀପ୍ତ ଚିନରା, ଦିଗନ୍ତ ପରିଡ଼ା, ସରିତା ମୁର୍ମୁ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଅଭିଯୋଗ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମରେ ୨୨୭ଟି , ୧୦ଟି ଏବଂ ୭୭ଟି କରି ମୋଟ ୩୧୪ଟି ବ୍ଲକସ୍ତରୀୟ ଆଦର୍ଶ ବିଦ୍ୟାଳୟରେ ଏବଂ ମାଇନିଂ ବିଭାଗ ଦ୍ୱାରା ୫ଟି ଗ୍ରନ୍ଥାଗାରିକ ପଦବୀକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ପଦବୀଗୁଡ଼ିକ ପୂରଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପଦବୀ ପୂରଣ ହୋଇନାହିଁ। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପାଠାଗାର ପରିଚାଳନା ନିମନ୍ତେ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକ ନିଯୁକ୍ତି କରିବା ଆବଶ୍ୟକ। ସେହିପରି ଅନ୍ୟ ରାଜ୍ୟଗୁଡିକରେ ବହୁମାତ୍ରାରେ ଗ୍ରନ୍ଥାଗାରିକ ପଦବୀ ପୂରଣ କରାଯାଇଥିବାବେଳେ ଓଡ଼ିଶାରେ ଅତ୍ୟନ୍ତ ନଗଣ୍ୟ। ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗରୁ ପ୍ରତିବର୍ଷ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବାହାରୁଥିବାବେଳେ ନିଯୁକ୍ତି ଅଭାବରୁ ଏହି ଶିକ୍ଷା ପ୍ରତି ବିମୁଖ ହେଉଛନ୍ତି।

### ଖବରଦାତାଙ୍କ ମାନବିକତା: ଆହତଙ୍କୁ ଉଦ୍ଧାର କରି ମେଡିକାଲ ନେଲେ

**ବୋଲଗଡ଼,୧୨।୧୦(ଦେବବ୍ରତ ହୋତା)**

ଏବେ ବି ବଞ୍ଚିଛି ମାନବିକତା। ଦୁର୍ଘଟଣାଗ୍ରସ୍ତରେ ଆହତ ହୋଇ ଚେତାଶୂନ୍ୟ ହୋଇପଡ଼ିଥିବା ଜଣେ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି ବୋଲଗଡ଼ ଅଞ୍ଚଳର କେତେଜଣ ଗଣମାଧ୍ୟମ ପ୍ରତିନିଧି। ତେବେ ଆହତ ଜଣଙ୍କ ହେଲେ କଳାଙ୍ଗ ଗ୍ରାମର ଭାସ୍କର ମଲ୍ଲିକ। ସୂଚନା ମୁତାବକ, ବୁଧବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଭାସ୍କର ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ଚେତାସୂନ୍ୟ ହୋଇ ପଡ଼ିରହିଥିଲେ। ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଖବରପାଇ ବୋଲଗଡ଼ ଅଞ୍ଚଳର କେତେଜଣ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରଦାତାମାନେ ଭାସ୍କରଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରି ତୁରନ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିଲେ। ତେବେ ଏବେ ଭାସ୍କର ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ଖବରଦାତାଙ୍କ ଏହି ମହାନତାକୁ ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଛନ୍ତି।

### ରେଷ୍ଟୁରାଣ୍ଟରେ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

**ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)**

ଦଶହରା ପାଇଁ ୫୦ ହଜାର ଟଙ୍କା ବଟି ନ ଦେବାରୁ ରେଷ୍ଟୁରାଣ୍ଟ ଭିତରେ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ବହୁ ସାମଗ୍ରୀ ଭାଙ୍ଗି ନଷ୍ଟ କରିବା ଅଭିଯୋଗରେ ଶହୀଦନଗର ପୋଲିସ ଫେରାର ଥିବା ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ସେମାନେ ହେଲେ ବଡଗଡ ଥାନା ଅଞ୍ଚଳର ଗୁଲୁ ବିଶୋଇ ଓ ରମେଶ ମଣ୍ଡଳ। ତେବେ ଏହି ଘଟଣାରେ ପୂର୍ବରୁ ଜଣେ ଗିରଫ ହୋଇଥିଲେ। ସୂଚନାନୁସାରେ ଗତ ଅକ୍ଟୋବର ୬ ରାତିରେ ରେଷ୍ଟୁରାଣ୍ଟ ବନ୍ଦ ହେଉଥିବା ସମୟରେ ଅଭିଯୁକ୍ତ ଏବଂ ତାଙ୍କର ସହଯୋଗୀ ଆସି ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ସହିତ ଝଗଡା କରିଥିଲେ। ଏହାସହ ଦଶହରା ପାଇଁ ୫୦ ହଜାର ଟଙ୍କା ବଟି ମାଗିଥିଲେ। ଅଭିଯୋଗକାରୀ ମନା କରିଦେବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ।

### ଦୟାନଦୀରେ ତିଳତର୍ପଣ

**ବାଲକାଟୀ,୧୨।୧୦(ମନୋଜ ମଣ୍ଡଳ)**

କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଗୁରୁବାର ପୁଣ୍ୟତୋୟା ଦୟାନଦୀର ତାରକେଶ୍ୱର ଘାଟରେ ପିତୃପକ୍ଷ ଶ୍ରାଦ୍ଧ ଅବସରରେ ତିଳତର୍ପଣ କରାଯାଇଛି। ସମାଜ ପାଇଁ ସମର୍ପିତ ସମସ୍ତ ମହାପୁରୁଷଙ୍କୁ ଏହି ତିଳତର୍ପଣ ମାଧ୍ୟମରେ ସମୂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାପୋକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ପାଇକରାଏ, ପ୍ରହଲ୍ଲାଦ ସିଂ, ମଧୁସୂଦନ ଦାସ, ପ୍ରକାଶ ସାହୁ, ଚିତ୍ତରଞ୍ଜନ ମହାନ୍ତି, ହରପ୍ରସାଦ ମହାପାତ୍ର, ଦୀନବନ୍ଧୁ ସ୍ୱାଇଁ, ବାମଦେବ ଗଜେନ୍ଦ୍ର ଉପସ୍ଥିତ ଥିଲେ।

# ସଜେଇହେଲାଣି ପୂଜାମଣ୍ଡପ

**ବେଗୁନିଆ,୧୨।୧୦(ହର ପ୍ରସନ୍ନ ପଣ୍ଡା)**

ଆଉ ଦିନ କେଇଟା ପରେ ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁରୁ ସହର। ତେବେ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ଜିଲାର ବେଗୁନିଆ




ବ୍ଲକ ଅଞ୍ଚଳ। ବିଭିନ୍ନ ବ୍ୟବସାୟୀ ସଂଘ, କ୍ଲବ ପକ୍ଷରୁ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି



କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ।

ବେଗୁନିଆ, ପୋଡ଼ାଡିହ, ବାଘମାରୀ ଓ ପରିଛଳଠାରେ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ବେଗୁନିଆ ମା' ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଯାତ୍ରା ପାର୍ଟି, ବାଘମାରୀ ଓ ପରିଛଳ ବଜାର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସେହିପରି ପୋଡ଼ାଡିହ ବଜାର କମିଟି ଓ ହରପାର୍ବତୀ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ହେବ। ପ୍ରତିଯୋଗିତାର ପ୍ରଥମ ଦିବସରେ ଆମ ନାଟକ ଭୁବନେଶ୍ୱର ପକ୍ଷରୁ ନାଟକ 'କେତେ କାନ୍ଦିବୁରେ କଳା କହ୍ନାଇ', ଦ୍ୱିତୀୟ ଦିବସରେ ପଟିଆସ୍ଥିତ ମା' ଭୈରବୀ କ୍ଲବ ପକ୍ଷରୁ 'ଧର୍ମ ସହିଲେ ହେଲା', ତୃତୀୟ ଦିବସରେ ରାଇମୂଳସ୍ଥିତ କପିଳେଶ୍ୱର ଦେବ କଳା ପରିଷଦ ପକ୍ଷରୁ 'ରାମ ଆଜି ଦେବ ଅଗ୍ନି ପରୀକ୍ଷା' ଏବଂ ଚତୁର୍ଥ ଦିବସରେ ଆୟୋଜକ ନାଟ୍ୟ ସଂସଦ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ନାଟକ 'ସୁଖ ଆସିଥିଲା ଭଗାରି ହୋଇ' ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏଥିରେ ପ୍ରଥମ ବିଜେତାଙ୍କୁ ହର ପାର୍ବତୀ ଟ୍ରଫି ସହ ୩ ହଜାର ଟଙ୍କା, ଦ୍ୱିତୀୟ ବିଜେତାଙ୍କୁ ଟ୍ରଫି ସହ ୨୫ଶହ ଟଙ୍କା ଓ ତୃତୀୟ ବିଜେତାଙ୍କୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ପୂଜା ସମୟରେ ମଣ୍ଡପ ନିକଟରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥାଏ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଓ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ ବୋଲିସ ବିଭିନ୍ନ ପୂଜା କମିଟି ପକ୍ଷରୁ କୁହାଯାଇଛି।



**ବୋଲଗଡ଼:** ଗ୍ରୀନ୍ ଆର୍ମି ଇଣ୍ଟରନ୍ୟାଶନାଲ ସହଯୋଗରେ ରାସ୍ତା ପାର୍ଶ୍ୱରେ ତାଳମଞ୍ଜି ଲଗାଯାଉଛି।

### ରାସ୍ତାପାର୍ଶ୍ୱରେ ଲାଗିଲା ୧ ହଜାର ତାଳ ମଞ୍ଜି

**ବୋଲଗଡ଼,୧୨।୧୦(ଦେବବ୍ରତ ହୋତା)**

ପରିବେଶବିତ୍ ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଗ୍ରୀନ ଆର୍ମି ଇଣ୍ଟରନ୍ୟାଶନାଲ ସହଯୋଗରେ ବୋଲଗଡ ଅଞ୍ଚଳର ତିନୋଟି ରାସ୍ତା ପାର୍ଶ୍ୱରେ ୧ ହଜାର ତାଳ ମଞ୍ଜି ଲଗାଯାଇଛି। ଗତ ୩ଦିନରେ ବୋଲଗଡ ଠାରୁ ମାଳିସାହି ରାସ୍ତା, ବୋଲଗଡରୁ ଫିଙ୍ଗିଫିରା ପାଟଣା ରାସ୍ତା, ଫିଙ୍ଗିଫିରା ଠାରୁ ମାଳିସାହି ରାସ୍ତାର ଉଭୟ ପାର୍ଶ୍ୱରେ ତାଳମଞ୍ଜି ଲଗାଯାଇଥିବା ବେଳେ ସାନପଦର, ମାଣିବନ୍ଧ, କଳାଙ୍ଗ, ଟାଙ୍ଗୀସାହି, ସଂପୁର ହାଇସ୍କୁଲ ଗୁଡିକରେ ଥିବା ଖେଳପଡିଆ ଚତୁଃପାର୍ଶ୍ୱରେ ମଧ ଲଗାଯିବାର ବ୍ୟବସ୍ଥା କରାଯାଇଛି। ଗ୍ରୀନ ଆର୍ମି ସଂସ୍ଥାର ବୋଲଗଡ ସଂଯୋଜକ ରବୀନ୍ଦ୍ର କୁମାର ପରିଡା, ମହିଳା ସଂଯୋଜିକା ଗୀତାଞ୍ଜଳି ମହାପାତ୍ର, ସଂପୁର ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସଂପୁର ଚତୁର୍ଭୁଜ ହାଇସ୍କୁଲ, ପରମାନନ୍ଦ କଲେଜ ଏନଏସଏସବିଭାଗ ଓ ବାମନ ସରକାରୀ ହାଇସ୍କୁଲର ସମର ଶିକ୍ଷାର୍ଥି ବାହିନୀର ଛାତ୍ରୀଛାତ୍ର ଶ୍ରମଦାନ କରିଥିଲେ।

### ୩୨ ଗ୍ରାମ ହେରୋଇନ ଜବତ,ବୃଦ୍ଧା ଗିରଫ

**ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)**

ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ଅବକାରୀ ବିଭାଗର ମୋବାଇଲ ୟୁନିଟ ଚଢାଉ କରି ନିଶାଦ୍ରବ୍ୟ କାରବାର କରୁଥିବା ଜଣେ ବୃଦ୍ଧାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି । ସେ ହେଲେ ସୁଭାଶିନୀ ସେଠୀ (୭୦) । ତାଙ୍କଠାରୁ ୩୨ ଗ୍ରାମ ହେରୋଇନ ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ । ତେବେ ବୃଦ୍ଧା ଜଣଙ୍କ କାହାଠାରୁ ଆଣି ବିକ୍ରି କରୁଥିଲେ ବା ତାଙ୍କୁ କେହି ଡାଲ କରି ଏଭଳି କରିବାକୁ ବାଧ କରୁଥିଲେ ତାହାର ଖୋଲତାଡ ଚଳାଇଛି ଅବକାରୀ ଟିମ୍।

# ପାନ୍ଥନିବାସର ଘରୋଇକରଣ ବନ୍ଦ କରାଯାଉ

## ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର ୪ ଦାବି

**ଭୁବନେଶ୍ୱର,୧୨।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧୀନରେ ଥିବା ପାନ୍ଥ ନିବାସର ଘରୋଇକରଣକୁ ଦୃଢ଼ ବିରୋଧ କରୁଛି ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ। ସଂଘ ପକ୍ଷରୁ ଗୁରୁବାର ପାନ୍ଥନିବାସଠାରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ଏଥିସହ ଓଟିଡିସିର ପରିଚାଳନାକୁ ନେଇ ଅଭିଯୋଗ ଉଠାଇବା ସହ ୪ଟି ଦାବି ରଖିଛି। ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କହିଛନ୍ତି, କିଛି ଅଘୋଷିତ ୟୁନିୟନ ଅଯଥାରେ ଓଟିଡିସି ମ୍ୟାନେଜମେଣ୍ଟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। କିଛି ଆଉଟ ସୋର୍ସିଂ କର୍ମଚାରୀଙ୍କୁ ମତାଇ ଏହାର ସର୍ଭିସ୍ ପ୍ରୋଭାଇଡର ସଂସ୍ଥା ଏମ୍.ବି. ସିକ୍ୟୁରିଟି ଏବଂ ଇନଭେଷ୍ଟିଗେଶନ୍ ବ୍ୟୁରୋ ବିରୋଧରେ ଲେବର କୋର୍ଟ କରିବା ସହିତ ଓଟିଡିସି ପରିଚାଳନା ନିର୍ଦ୍ଦେଶକଙ୍କ ନାମରେ ନୋଟିସ କରୁଛନ୍ତି। ଆସନ୍ତା ୧୭ ତାରିଖରେ ସେହି ଅଘୋଷିତ ୟୁନିୟନ୍ ପକ୍ଷରୁ ପାନ୍ଥନିବାସ ସମ୍ମୁଖରେ ଧାରଣା ଦେବାକୁ ଧମକ ଦିଆଯାଇଛି। ଏହାକୁ ଆମେ ନିନ୍ଦା କରୁଛି। ଅନ୍ୟପକ୍ଷରେ ସଂଘର ୪ଟି ଦାବିକୁ ନେଇ ସେ କହିଲେ, ପାନ୍ଥନିବାସ ଘରୋଇକରଣ ବନ୍ଦ ହେବା ଆବଶ୍ୟକ। ଆଗରୁ ୪ ପାନ୍ଥ ନିବାସର ଘରୋଇକରଣ କରାଯାଇଥିଲା। ଏବେ ପୁଣି ପାରାଦ୍ୱୀପ ଓ ସାତପଡ଼ାକୁ ଘରୋଇକରଣ ପ୍ରକ୍ରିୟା ଚାଲିଛି। କୋଭିଡ୍ ସମୟରେ ମଧ୍ୟ ସଂଘ ଏହି ସବୁ କାର୍ଯ୍ୟ ହାତକୁ ନେଇ ଲାଭ କରି ଦେଖାଇଛି। ତା'ପରେ ବି କାହିଁକି ଅନ୍ୟକୁ ଘରୋଇକରଣ ପାଇଁ ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏମିତି ହେବା ଦ୍ୱାରା ୟୁନିୟନ୍ ପାଖରୁ ଧୀରେ ଧୀରେ କ୍ଷମତା ସବୁ ଚାଲି ଯାଉଛି। ପର୍ଯ୍ୟଟନର ବିକାଶ ମଧ୍ୟ ହେଉନାହିଁ। ଏହା ଛଡ଼ା ପର୍ଯ୍ୟଟନର ମାନୁଆଲ୍ ବୁକ୍‌ରେ ଏହାର କମର୍ସିଆଲ୍ ବ୍ୟବହାର ହେବା ନାହିଁ। ନିଜେ କରିଥିବା ନିୟମକୁ କିଭଳି ବିଭାଗ ନିଜେ ମାନୁନି ସେ ନେଇ ବେଣୁଧର ପ୍ରଶ୍ନ କରିଛନ୍ତି। ସଭାପତି ଶିବାନନ୍ଦ ରାୟ ଅନ୍ୟ ୩ଟି ଦାବି ଉପସ୍ଥାପିତ କରି କହିଛନ୍ତି, ଏନ୍‌ଏମ୍‌ଆର୍ କର୍ମଚାରୀଙ୍କ ବିଚାରଧୀନ ଥିବା ସବ୍ କମିଟିର ଫଳାଫଳ ଶୀଘ୍ର ପ୍ରକାଶ କରାଯାଉ। ସର୍ଭିସ୍ ରୁଲ୍ ବିଚାରଧୀନ ଅଛି ତାକୁ ମଧ୍ୟ ଶୀଘ୍ର ଲାଗୁ କରାଯାଉ। ଆଉଟସୋର୍ସିଂ କର୍ମଚାରୀଙ୍କ ଶ୍ରମ ବିଭାଗ ସର୍କୁଲାର୍‌ର ଭି.ଡି.ଏ ୧୨ଟଙ୍କା ବିଚାରଧୀନ ଅଛି ଏବଂ ଏହି ମାସରେ ୭ଟଙ୍କା ଭି.ଡି.ଏ ମଧ୍ୟ ସର୍ଭିସ୍ ପ୍ରୋଭାଇଡର୍ ଏଜେନ୍ସି ଲିଖିତ ଆକାରରେ ଦେଇଛନ୍ତି। ଏହି ୨ଟି ଭି.ଡି.ଏ ପ୍ରଦାନ କଲେ ଆଉଟ୍ ସୋର୍ସିଂ କର୍ମଚାରୀ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।

### ଲିଫ୍ଟ ଦେବା ଆଳରେ ଲୁଟ୍, ୨ ଗିରଫ

**ଭୁବନେଶ୍ୱର,୧୨।୧୦ (ସୂର୍ଯ୍ୟକାନ୍ତ ବେହେରା)**

ଲିଫ୍ଟ ଦେବା ଆଳରେ ଜଣେ ଯୁବକଙ୍କୁ ଅନ୍ଧାରୁଆ ସ୍ଥାନକୁ ନେଇ ତାଙ୍କଠାରୁ ଟଙ୍କା ଓ ମୋବାଇଲ ଛଡାଇ ନେବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସିମାଦ୍ରି ରାଓ ଓ ଦୀପୁ ବେହେରା । ସୂଚନାନୁସାରେ ଅଭିଯୋଗକାରୀ ଦୟାନିଧି ତାଙ୍କର ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଟ୍ରେନ ଯୋଗେ ବାଲେଶ୍ୱରରୁ ଭୁବନେଶ୍ୱର ଆସିଥିଲେ । ବିଳମ୍ବିତ ରାତିରେ ସେ ହସ୍ପିଟାଲକୁ ଯିବା ପାଇଁ ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଅଟୋ ଖୋଜୁଥିବାରୁ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଦୟାନିଧିଙ୍କୁ କିଛି ବାଟ ନେବା ପରେ ଅନ୍ଧାରୁଆ ସ୍ଥାନରେ ଲୁଟ୍ କରିଥିଲେ।

# ବିକାଶର ବାର୍ତ୍ତା ବାଣ୍ଟିଲେ

**ନିରାକାରପୁର,୧୨।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ବୁଧବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଣେଶ ପଡିଆଠାରୁ ଏହି ପଦଯାତ୍ରା ବାହାରି ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ସଭାସ୍ଥଳରେ ପହଞ୍ଚିଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂ, ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ, ବିଜୁ ଛାତ୍ର ସଭାପତି ବିଶ୍ୱଜିତ ପ୍ରଧାନ, ବିଜୁ ଯୁବ ଛାତ୍ର ସଭାପତି ରାକେଶ ପରିଡ଼ା, ଜିଲା ମହିଳା ସଭାପତି ଗୀତାଞ୍ଜଳି ପାଟଶାଣୀ, ଜିଲା ସଂଯୋଜକ ଦିଲୀପ ହୋତା, ମଙ୍ଗଳାଯୋଡି ସମିତି ସଭ୍ୟ କସ୍ତୁରୀ ପାଣିଗ୍ରାହୀ, ସାମାଜିକ କର୍ମୀ ଶୁଭମ୍ ଦାଶ, ଉଜ୍ଜ୍ୱଳା ଗୋପୀନାଥପୁର ସମିତି ସଭ୍ୟ ସୂର୍ଯ୍ୟମଣି ରାଉତରାୟ, ୧୨ନଂ. ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ସାମାଜିକ କର୍ମୀ ନାକା ରାଉତରାୟ, ତୋଫାନ ବରାଳ, ଆରତୀ ରାଉତରାୟଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।




ଜନ ସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀମାନେ।

# ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଟାଙ୍ଗୀ,୧୨।୧୦ (ରଘୁନାଥ ସାହୁ)**

ନାରୁଣୀ କଲେଜରେ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମହାନ୍ତି, ମୁଖ୍ୟବକ୍ତା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର, ନାରୁଣୀ ଆଇଆଇସି ଚନ୍ଦ୍ରଶେଖର ଜେନା, ନାରୁଣୀ କଲେଜ ପରିଚାଳନା କମିଟି ସଭାପତି ଅରୁଣ କୁମାର ଦାସ ଏବଂ ଅଧ୍ୟକ୍ଷ ନାରାୟଣ ବଳିୟାରସିଂହ ଯୋଗଦେଇଥିଲେ। ଅଧ୍ୟାପିକା ଲୀନା ନନ୍ଦିଜା କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ବିଭିନ୍ନ ଆପ୍ ଡାଉନ୍‌ଲୋଡ୍ କରିବା ସମୟରେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା, ଅଜଣା ଲିଙ୍କ୍ ନ ଖୋଲିବା, ଓଟିପି କାହାରିକୁ ଶେୟାର ନ କରିବା, ମୋବାଇଲ ଓ ଲାପ୍‌ଟପ୍ ଅଜଣା ବ୍ୟକ୍ତିଙ୍କୁ ନ ଦେବାକୁ ସଚେତନ କରାଯାଇଥିଲା। ବ୍ୟାଙ୍କ ସମ୍ପର୍କିତ ସୂଚନା ସୋସିଆଲ ମିଡିଆରେ ଅପଲୋଡ୍ ନ କରିବା ପାଇଁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁଇଜ୍, ଗୀତ ଓ ନାଚ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ଜଟଣୀରେ ବିଜେଡି ପକ୍ଷରୁ ବୁଧବାର ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀ।

**ଜଟଣୀ,୧୨।୧୦(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳରେ ବୁଧବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ଜଟଣୀ ବ୍ଲକ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିବା ପରେ ସ୍ଥାନୀୟ ଟାଉନ ହଲ(ସ୍ରଷ୍ଟା) ପରିସରରେ ସଭାସ୍ଥଳରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ଓ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜଟଣୀ ନଗରପାଳ ଅନନ୍ତ ବେହେରା, ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ମନୋଜ ସ୍ୱାଇଁ, ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟ, କୈଳାସ ମହାପାତ୍ର, ଶଶାଙ୍କଶେଖର ରାୟ, ରାଜ୍ୟ ସାଧାରଣ ସମ୍ପାଦିକା ନମିତା ପାଳଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ବାଲୁଗାଁ ଏନ୍‌ଏସି ଓ ଚିଲିକା ବ୍ଲକ ୬ନଂ. ଜିଲାପରିଷଦ ଜୋନ ପକ୍ଷରୁ ବାଲୁଗାଁରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ମା'ଉତ୍ତରାୟଣୀ ମନ୍ଦିରଠାରୁ ବାହାରି ଗାନ୍ଧୀଛକ ଦେଇ ଉମାମହେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ସହ ଆଗାମୀ ନିର୍ବାଚନରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାର ବାର୍ତ୍ତା ବାଣ୍ଟିଥିଲେ। ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ତତ୍ତ୍ୱାବଧାନରେ ୬ନଂ. ଜୋନ ଜିଲାପରିଷଦ ସଭ୍ୟା ସବିତା ସୁନ୍ଦରାୟ, ବାଣପୁର ନଗରପାଳ ମିଟୁ ନାୟକ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଜିଲା ପରିଷଦ ଉପାଧ୍ୟକ୍ଷ, ମାନସ ପ୍ରଧାନ, ଜଗତ ବଲ୍ଲଭ ମହାରଥା, ପ୍ରଭାସ ସୁନ୍ଦରାୟ, ବ୍ଲକ ବିଜୁ ମହିଳା ସଭାପତି ଅର୍ମିତା ବେହେରା, ଏନ୍‌ଏସି ମହିଳା ସଭାପତି ସୁଜାତା ପଣ୍ଡା, ଶଙ୍କର ପାଇକରାୟ, ଚିଲିକା ବିଜେଡି ମୁଖପାତ୍ର ଅଭିମନ୍ୟୁ ସ୍ୱାଇଁ, ସାଧାରଣ ସମ୍ପାଦକ ସନ୍ତୋଷ ଜାଲି, ବିକ୍ରମ କେଶରୀ ଜେନା, ପ୍ରକାଶ କୁମାର ପ୍ରଧାନଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ବାଲୁଗାଁ ଏନ୍‌ଏସିର ଉପାଧ୍ୟକ୍ଷ, କାଉନ୍‌ସିଲର ଓ କର୍ମୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।




ବାଲୁଗାଁରେ ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

## ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

# ଅରିସଲ, ଯଦୁପୁର ବିଜୟୀ

**ଖୋର୍ଦ୍ଧା,୧୨।୧୦(ପ୍ରଭାତ ପାଣିଗ୍ରାହୀ)**

ଗୁରୁଜଙ୍ଗ କ୍ରିକେଟ୍ ଆସୋସିଏଶନ (ଜିସିଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ୍-୨୦୨୩ର ଷଷ୍ଠ ଦିବସ (ଗୁରୁବାର)ରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଅରିସଲ ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଅରିସଲ ଟିମ୍ ନିର୍ଦ୍ଧାରିତ ୧୬ ଓଭରରେ ୬ ଉଇକେଟ ବିନିମୟରେ ୨୦୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୯୮ରନ ଓ ପ୍ରବୀଣ ପରିଡା ୫୧ରନ ସଂଗ୍ରହ କରିଥିଲେ। ଜବାବରେ ତମାଣ୍ଡୋ ଟିମ୍ ୧୦ ଉଇକେଟ୍ ବିନିମୟରେ ୨୦୧ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦୀପକ ହରିଚନ୍ଦନ ୫୧ ରନ୍ ଓ ପ୍ରିତମ ଜେନା ୩୮ ରନ୍ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଯଦୁପୁର ଓ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଯାଁଳା ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୬୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୮୨ରନ ସଂଗ୍ରହ କରିଥିଲେ। ଜବାବରେ ଯଦୁପୁର ଟିମ୍ ୧୩.୩ ଓଭରରେ ୪ ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏସ୍.କେ. ସଲମାନ ୪୦ ରନ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚରେ ଅରିସଲ ଟିମ୍‌ର ଶୁଭେନ୍ଦୁ ପ୍ରଧାନ ଶ୍ରେଷ୍ଠ ଖେଳାଳି ଏବଂ ଦ୍ୱିତୀୟ ମ୍ୟାଚରେ ଯଦୁପୁର ଟିମର ଏସ୍.କେ. ସଲମାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ଆୟୋଜକ ଟିମର ରାକେଶ ମହାନ୍ତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅବ୍ୟକ୍ତ ହରିହର ଖାଡେଙ୍ଗା, ସାନୁଜ ବିଶାଳ, ସନ୍ଦୀପ ମହାନ୍ତି, ଅସିତ୍ ଶତପଥୀ, ପ୍ରଶାନ୍ତ କୁମାର ବେହେରା, ସୂର୍ଯ୍ୟକାନ୍ତ ଗୁମାନସିଂହ, ତ୍ରିନାଥ ପରିଡ଼ା, ପ୍ରକାଶ ପାଇକରାୟ, ରାଜଦୀପ ରଥ, କେଦାର ନାଥ କାଣ୍ଡି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁଜଙ୍ଗ ଓ ଅରିସଲ ଟିମ୍ ମଧ୍ୟରେ ହେବାକୁ ଥିବା ବେଳେ ଆସନ୍ତା ୨୪ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୧୦।୨୦୨୩

| ୩,୦୩,୩୫୦ ଟଙ୍କା | |
|---|---|
| ସୁନା | ୭.୫୫୦ ଗ୍ରାମ୍ |
| ରୁପା | ୩୦୩.୪୫୦ ଗ୍ରାମ୍ |

# ଦୁର୍ଘଟଣାକୁ ନେଇ ଉତ୍ତେଜନା



ଛାତ୍ରୀମାନେ ରାସ୍ତା ଅବରୋଧ କରିଛନ୍ତି ।

## କାର୍ ଧକ୍କାରେ ଛାତ୍ର ଗୁରୁତର

- ସ୍ପିଡ୍ ବ୍ରେକର ନିର୍ମାଣ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ
- ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଛାତ୍ରୀଛାତ୍ର

ପୁରୀ,୧୨।୧୦(ଅଜିତ ମହାନ୍ତି):

ପୁରୀ ମଙ୍ଗଳାଘାଟ ବାଇପାସ୍ ନିକଟରେ ଗୁରୁବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଜଣେ ଛାତ୍ରଙ୍କୁ କାର୍ ଧକ୍କା ଦେବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ସେ ହେଲେ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ର ସ୍ମୃତିରଞ୍ଜନ ନାୟକ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ସ୍ପିଡ୍ ବ୍ରେକର ନିର୍ମାଣ ଓ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ କରିଥିଲେ।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ସ୍ମୃତିରଞ୍ଜନ କଲେଜକୁ ଆସୁଥିଲେ। ମଙ୍ଗଳାଘାଟ ବାଇପାସ୍ ନିକଟରେ ସେ ରାସ୍ତା ପାର୍ ହେଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଆର୍ -୦୨ ବିଏନ୍ ୪୧୪୯) ତାଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହୋଇ ଛିଟିକି ପଡ଼ିଥିଲେ। ତାଙ୍କୁ ସହପାଠୀ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ କଲେଜ ଛାତ୍ରୀଛାତ୍ରମାନେ ପ୍ରତିବାଦ ସ୍ୱରୂପ ତଥା ସମ୍ପୃକ୍ତ ଛାତ୍ରଙ୍କୁ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅବରୋଧ ହେବା ଯୋଗୁ ବ୍ରହ୍ମଗିରି-ପୁରୀ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ଯାତ୍ରୀ ଓ ପର୍ଯ୍ୟଟକ ହଇରାଣ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ବିଡିଓ, ଆଡ଼ିସନାଲ ଏସ୍‌ପି, ସିଟି ଡିଏସ୍‌ପି ସଦଳବଳେ ପହଞ୍ଚି ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ହେଲେ ଛାତ୍ରୀଛାତ୍ରମାନେ ନିଜ ଜିଦ୍‌ରେ ଅଡ଼ିବସିଥିଲେ। କଲେଜ ସମ୍ମୁଖରେ ସାଇନ୍‌ବୋର୍ଡ ଲଗାଇବା ସହ ସ୍ପିଡ୍ ବ୍ରେକର, ପୋଲିସ ପାଟ୍ରୋଲିଂ ସହ ଟ୍ରାଫିକ ପୋଲିସ ମୁତୟନ ଏବଂ କ୍ଷତିପୂରଣ ଦାବିକୁ ନେଇ ଛାତ୍ରୀଛାତ୍ରମାନେ ସ୍ଲୋଗାନ ଦେଇଥିଲେ। ଭିଡ଼ ଭିତରେ ଆମ୍ବୁଲାନ୍ସ ମଧ ଫସିରହିଥିଲା। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ପୋଲିସ ଯାଇ ଭିଡ଼ରୁ ଆମ୍ବୁଲାନ୍ସକୁ ବାହାର କରି ମେଡିକାଲ ପଠାଇଥିଲେ। ସେହିପରି ସ୍ଥାନୀୟ ବାସିନ୍ଦାଙ୍କ ସହ ଯାତ୍ରୀ, ପର୍ଯ୍ୟଟକ ରାସ୍ତାରେ ଫସିରହିବାରୁ ସେମାନେ ମଧ୍ୟ କିଛି ସମୟ ପାଇଁ ଛାତ୍ରୀଛାତ୍ରଙ୍କ ସହ ମୁହାଁମୁହିଁ ହୋଇଥିଲେ। ଶେଷରେ ସମସ୍ତ ଦାବି ଖୁବଶୀଘ୍ର ପୂରଣ କରିବାକୁ ସଦର ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ସୂଚନାଯୋଗ୍ୟ, ମଙ୍ଗଳାଘାଟ ଛକରୁ ମଙ୍ଗଳାମୁହାଣ ବେଳାଭୂମି ଯିବା ରାସ୍ତା ପାର୍ଶ୍ୱରେ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟ ରହିଛି। ଉକ୍ତ ରାସ୍ତାରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କିଛିମାସ ପୂର୍ବରୁ ସେହି ରାସ୍ତାରେ ଗୋଟିଏ ପରିବାରର ତିନିଜଣ ବ୍ୟକ୍ତି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତେଣୁ ତୁରନ୍ତ ସେଠାରେ ପ୍ରଶାସନ ପକ୍ଷରୁ ସ୍ପିଡ ବ୍ରେକର ସହ ପୋଲିସ ମୁତୟନ କରିବାକୁ ଦାବି ହୋଇଛି।

## ଭୁଲ୍ ଇଞ୍ଜେକ୍‌ସନ ଯୋଗୁ ଝିଅର ମୃତ୍ୟୁ

### ଅଭିଯୋଗ ଆଣି ଥାନାରେ ଏତଲା ଦେଲା ପରିବାର

ଅସ୍ତରଙ୍ଗ, ୧୨।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଭୁଲ୍ ଇଞ୍ଜେକସନ୍ ପାଇଁ ଚାଲିଗଲା ନାବାଳିକାଙ୍କ ଜୀବନ। ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଲସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମର ଏହି ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଗ୍ରାମର ସୁକାନ୍ତ ସେନାପତିଙ୍କ ଝିଅ (୬ବର୍ଷ) ଭୁଲ୍ ଇଞ୍ଜେକ୍ସନ ପାଇଁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ୨୦୨୨ ମସିହାରେ ହୋଇଥିଲେ ବି ଏବେ ଏହାର ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ସୁକାନ୍ତ ସେନାପତିଙ୍କ ଝିଅଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ସୁକାନ୍ତଙ୍କ ମା' ଝିଅକୁ ଧରି ଉକ୍ତ ଗ୍ରାମର ମନୋଜ ଦଲେଇଙ୍କ ନିକଟକୁ ଯାଇଥିଲେ। ମନୋଜ କାକଟପୁର ବ୍ଲକ ବାଙ୍ଗୁରୀଗାଁ ମେଡିକାଲରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଝିଅର ଦେହ ଖରାପ ଜାଣି ମନୋଜ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। କିନ୍ତୁ ଔଷଧ ଓ ଇଞ୍ଜେକସନ୍ ନେବାର ୫ ମିନିଟ ପରେ ଝିଅଟି ଜୋର୍‌ରେ କାନ୍ଦିବା ସହ ପାଟିରୁ ଲାଳ ବାହାର କରିଥିଲା। ତୁରନ୍ତ ଝିଅକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ସୁକାନ୍ତ ଓ ମନୋଜ। ସେଠାରେ ଡାକ୍ତର ମନୋଜ ସହ ଗୁପ୍ତରେ କିଛି ଆଲୋଚନା କରିବା ପରେ ସୁକାନ୍ତଙ୍କୁ ଝିଅର ଅବସ୍ଥା ଠିକ୍ ଅଛି କହି ଆଶ୍ୱାସନା ଦେଇଥିଲେ। ପରେ ସରକାରୀ ଆମ୍ବୁଲାନ୍ସ ଯୋଗେ ଝିଅକୁ ଚାରିଛକ ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ ବି ସେଠାରେ ଡାକ୍ତର ଝିଅଟିକୁ ମୃତ ଘୋଷଣା କରିଥିଲେ। ସୁକାନ୍ତଙ୍କ ଅଭିଯୋଗ ଅନୁଯାୟୀ ଝିଅର ମୃତଦେହକୁ ବ୍ୟବଚ୍ଛେଦ ନ କରି ଚଞ୍ଚକତାପୂର୍ବକ ତାଙ୍କ ଅଜାଣତରେ ରାତାରାତି ପୋଡ଼ି ଦିଆଯାଇଥିଲା। ଏପରିକି ମନୋଜଙ୍କ ପରିବାର ପକ୍ଷରୁ ୧୨ ଲକ୍ଷ ଟଙ୍କା ନେଇ ମାମଲା ରଫାଦଫା କରିବାକୁ ସୁକାନ୍ତଙ୍କ ଭାଇ ଉପରେ ଚାପ ପକାଯାଇଥିଲା। ଏଥିରେ ସୁକାନ୍ତଙ୍କ ପରିବାର ରାଜି ନ ହେବାରୁ ତାଙ୍କ ପରିବାରକୁ ହତ୍ୟା ଧମକ ଦିଆଯିବା ନେଇ ସୁକାନ୍ତ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ୧୮୧/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ରୋଗ ନିରାକରଣରେ ଆୟୁର୍ବେଦ ଚିକିତ୍ସା

ପୁରୀ, ୧୨।୧୦(ଅଜିତ ମହାନ୍ତି):

ଏକ ସୁସ୍ଥ ସମାଜ ପାଇଁ ହଜାର ହଜାର ବର୍ଷ ତଳେ ଜନ୍ମ ନେଇଥିଲା ଆୟୁର୍ବେଦ ଚିକିତ୍ସା। ବର୍ତ୍ତମାନ ପରିସ୍ଥିତିରେ ସମାଜ ଆଧୁନିକତା ପ୍ରତି ଆକୃଷ୍ଟ ହେଉଥିଲେ ମଧ ବଦଳନି ବେଦ-ଉପନିଷଦ, ସଂସ୍କୃତ-ଇତିହାସ ଓ ଋଷି- ମୁନିଙ୍କ ସୃଷ୍ଟ ଆୟୁର୍ବେଦ। ତେବେ ସାମ୍ପ୍ରତିକ ପରିସ୍ଥିତିରେ ରୋଗ ନିରାକରଣ ନିମନ୍ତେ ନୂତନ ଔଷଧ ସୃଷ୍ଟି ପାଇଁ ଆୟୁର୍ବେଦ ଅଧିକରୁ ଅଧିକ ଗବେଷଣା ଆରମ୍ଭ କରିଛି। ଆୟୁଷ ମନ୍ତ୍ରଣାଳୟର ଉଦ୍ୟମ କ୍ରମେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ନୂତନ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରଫେସର ନାରାୟଣ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆଇଇସି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ୱାସ, ଭଗନ୍ଦର, ଗ୍ୟାଷ୍ଟ୍ରିକ, ସ୍ପଣ୍ଡିଲାଇଟ୍ସ, ଗଣ୍ଠିବାତ, ମଧୁମେହ, ସ୍ତ୍ରୀରୋଗ, ସାଇଟିକା ଭଳି ଅନେକ ରୋଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ କମିଟି ସଭ୍ୟ ତଥା ମହାବିଦ୍ୟାଳୟର ଅଧକ୍ଷ ସୁଦର୍ଶନ ବେହେରା, ସୁଦେଷ୍ଣା ବେହେରା, ବିପିନାନନ୍ଦ ମିଶ୍ର, ବଦ୍ରି ମିଶ୍ର, ବାଳକୃଷ୍ଣ ମହାପାତ୍ର, ଆର୍.କେ. ଜେନା, ଜଗନ୍ନାଥ ବଡ଼ୁଆ, ପି.ପି. ମଲ୍ଲିକ, ସଙ୍ଗୀତା ପୃଷ୍ଟି, ଆର୍.କେ. କସ୍ତା ପ୍ରମୁଖ ଯୋଗଦେଇଥିଲେ।

### ବିଜେଡି ପକ୍ଷରୁ ଚାରାରୋପଣ

ପୁରୀ, ୧୨।୧୦ (ଅଜିତ୍ ମହାନ୍ତି):

ଜୟପ୍ରକାଶ ନାରାୟଣ ଜୟନ୍ତୀ ଅବସରରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ 'ଓଡ଼ିଶା ମୋ ପରିବାର' ଓ ବିଜୁ ଯୁବ ଜନତା ଦଳ ଆନୁକୂଲ୍ୟରେ ସୁରଜମଲ ମହାବିଦ୍ୟାଳୟ ଠାରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା କ୍ରୀଡା ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡିଶା ମୋ ପରିବାର ସହ ସଂଯୋଜକ ଭଗବାନ ପଢ଼ିଆରୀ,ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ବିଜେଡି ରାଜ୍ୟ ସମ୍ପାଦକ ଅମରଜ୍ୟୋତି ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳ ଜିଲା ସମ୍ପାଦକ ରାଜେଶ ତ୍ରିପାଠୀ, ଛାତ୍ର ନଗର ସଭାପତି ସାଗର ପାତ୍ର, ଜିଲା ଛାତ୍ର ସାଧାରଣ ସମ୍ପାଦକ ଗୋପାଳ ମିଶ୍ର, ଛାତ୍ର ନେତା ସୌରଭ ମହାପାତ୍ର, ସୁରଜମଲ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ନାଥ ଜେନା, ଛାତ୍ର ନେତା ମୁରାରୀ ଶ୍ରୀପତି ନାୟକ, ଅବିନାଶ ଭଞ୍ଜ, ଅଧାପକ ରିତେଶ ମହାନ୍ତି, ସୌରଭ ମହାପାତ୍ର, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ଭଞ୍ଜ, ଅରୁଣିମା ନନ୍ଦ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଅସ୍ତରଙ୍ଗ ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୧୭ ଦଫା ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

ଅସ୍ତରଙ୍ଗ,୧୨।୧୦
(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ):

ଓଡ଼ିଶା ଆଶାକର୍ମୀ ଆସୋସିଏଶନ ଅସ୍ତରଙ୍ଗ ବ୍ଲକ ଶାଖା ତରଫରୁ ୧୭ଦଫା ଦାବି ନେଇ ଗୁରୁବାର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଶାକର୍ମୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଥିଲେ ମଧ ସେମାନଙ୍କୁ ନାର୍ଯ୍ୟ ଦାବିରୁ ବଞ୍ଚିତ କରାଯାଉଛି। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାସିକ ଦରମା ୨୬ ହଜାର ଟଙ୍କା, ଗତ ୧୧ ମାସର ପ୍ରୋତ୍ସାହନ ରାଶି ଦେବା, ସ୍ଥାୟୀ କର୍ମଚାରୀ ମାନ୍ୟତା, ପେନସନ ପ୍ରଦାନ, ମୃତ୍ୟୁ ଓ ଅବସରକାଳୀନ ସହାୟତା ରାଶି ୮ଲକ୍ଷ ଟଙ୍କା, ସାମାଜିକ ସୁରକ୍ଷା ଯୋଗାଇବା ପ୍ରଭୃତି ଦାବି ନେଇ ଆଶାକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ଦେଇଥିଲେ। ଏହି ଅବସରରେ ଜିଲା ଆଶାକର୍ମୀ ସଂଘ ସଭାପତି ପୀତବାସ ବେହେରା, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦିକା ବନବାସିନୀ ମହାପାତ୍ର, ଅସ୍ତରଙ୍ଗ ଆଶା କର୍ମୀ ସଂଘ ସଭାପତି ସୌଦାମିନୀ ବିଜୟଲକ୍ଷ୍ମୀ ମଲ୍ଲ, ସମ୍ପାଦିକା ସରସ୍ୱତୀ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମା' କନକଦୁର୍ଗାଙ୍କ ଶାରଦୀୟ ପାର୍ବଣ ପୂଜାରମ୍ଭ

ଚାରିଛକ,୧୨।୧୦(ଶିଶିର ସ୍ୱାଇଁ)

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିଠାରୁ ନିମାପଡ଼ା ବ୍ଲକ ତୁଳସୀପୁର ବ୍ରାହ୍ମଣ ଶାସନରେ ପୂଜା ପାଇ ଆସୁଥିବା ମା' କନକ ଦୁର୍ଗାଙ୍କ ମନ୍ଦିରରେ ପାରମ୍ପରିକ ପ୍ରଥାନୁସାରେ ଶାରଦୀୟ ପାର୍ବଣ ପୂଜାରମ୍ଭ ହୋଇଛି। ଶୁକ୍ଳପକ୍ଷ ନବମୀ ତିଥି ପର୍ଯ୍ୟନ୍ତ ମା'ଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ଷୋଳପୂଜା ଅନୁଷ୍ଠିତ ହେବ ବୋଲି ପୂଜକ ପୂର୍ଣ୍ଣ ପାଣି ପ୍ରକାଶ କରିଛନ୍ତି। ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି କରି ମା'ଙ୍କ ନିକଟରେ ପାର୍ବଣ ପାଇଁ ଆମିଷ ଭୋଗ ଲାଗି କରାଯାଉଛି। ଶୁକ୍ଳ ଅଷ୍ଟମୀ ତିଥିରେ ମା'ଙ୍କୁ ସିଂହବାହିନୀ ବେଶରେ ସଜ୍ଜିତ କରାଯିବା ସହିତ ସେହିଦିନ ବିଳମ୍ବିତ ରାତିରେ କୁଷ୍ମାଣ୍ଡ ବଳି ଦିଆଯିବ। ପ୍ରତିଦିନ ପୀଠରେ ସପ୍ତଶତୀ ଚଣ୍ଡୀପାଠ କରାଯିବ ବୋଲି ଗ୍ରାମର ସଭାପତି ବନବିହାରୀ ଦାଶ ସୂଚନା ଦେଇଛନ୍ତି। ଶାରଦୀୟ ପାର୍ବଣ ପୂଜା ପାଇଁ ତୁଳସୀପୁର ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି।

## କୁମାର ଉତ୍ସବ ପାଇଁ ୧୫ରେ ଜିଲାସ୍ତରୀୟ ପ୍ରତିଯୋଗିତା

ପୁରୀ, ୧୨।୧୦(ଅଜିତ ମହାନ୍ତି):

ସଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ୨୮ ଓ ୨୯ ତାରିଖ ଦୁଇଦିନ ଧରି ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ୪୪ତମ କୁମାର ଉତ୍ସବ ପାଳନ ହେବାକୁ ଯାଉଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ତଥା ବଲିଉଡ୍ କଣ୍ଠଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୫ ତାରିଖ ରବିବାର ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଅନୁଷ୍ଠାନର କ୍ରୀଡ଼ା ସମ୍ପାଦକ ଗୋପୀନାଥ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଙ୍କଦୌଡ଼, ଚିତ୍ରାଙ୍କନ, ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର, ପେପର କ୍ରାଫ୍ଟ, ସ୍ପେଲିଂ ବି, ଏକକ ନୃତ୍ୟ (ସିନିୟର ଓ ଜୁନିୟର) ବେଲୁନ୍ ବ୍ଲାଷ୍ଟ ଓ ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ସେମାନଙ୍କ ନାମ ମୋବାଇଲ ନମ୍ବର ୯୪୩୯୭୫୨୩୯୫ ଯୋଗେ ପଞ୍ଜୀକରଣ କରିପାରିବେ। ସେହିପରି ଅଧିକ ତଥ୍ୟ ଜାଣିବା ପାଇଁ ମୋବାଇଲ ନମ୍ବର ୯୩୩୭୦୮୦୪୦୭ କିମ୍ବା ୮୪୮୦୭୨୬୬୬୯ରେ ଯୋଗାଯୋଗ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ୪୪ତମ କୁମାର ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦିଆଯିବ ବୋଲି ସାଧାରଣ ସମ୍ପାଦକ ଜଣାଇଛନ୍ତି।

## 'ବିଶ୍ୱ ପ୍ରେକ୍ଷାପଟରେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଊର୍ଦ୍ଧ୍ୱରେ'




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

ସାକ୍ଷୀଗୋପାଳ, ୧୨।୧୦
(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର):

ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ସବିତା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା ଯୋଗଦେଇ ଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ସାମାଜିକ, ରାଜନୈତିକ, ସାହିତ୍ୟିକ ଦିଗକୁ ଦର୍ଶାଇବା ସହ ବିଶ୍ୱ ପ୍ରେକ୍ଷାପଟରେ ତାଙ୍କ ବ୍ୟକ୍ତିତ୍ୱ ବହୁ ଊର୍ଦ୍ଧ୍ୱରେ ବୋଲି ଡ. ବେହେରା କହିଥିଲେ। ପାଠଚକ୍ର ସମ୍ପାଦିକା ସ୍ୱାତୀ ସୁମନ ମହାପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ସଞ୍ଜୟ ହାତୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଏବଂ ଅଧ୍ୟାପକ ଡ. ଶ୍ୟାମ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ବେହେରାଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିଲେ। ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ କିପରି ଅନ୍ୟମାନଙ୍କୁ ପ୍ରଭାବିତ କରିଛି ସେନେଇ ପ୍ରାଧ୍ୟାପକ ଡ. ଅନନ୍ତ କିଶୋର ଜେନା ଆଲୋକପାତ କରିଥିଲେ। ଶୁଭଶ୍ରୀ ବିଶ୍ୱାଳ ଓ ଡିଲେଶ୍ୱର ମୁଣ୍ଡା ପ୍ରଥମ ଅଧିବେଶନକୁ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ମାନସ ବେହେରା ସଭାପତିତ୍ୱ କରିଥିଲେ। ମିଲନ୍ ଦାଶ, ତୃପ୍ତିପ୍ରିୟା ମହାନ୍ତି, ଶୁଭସ୍ମିତା ଖଣ୍ଡୁଆଳ ପ୍ରମୁଖ ପଣ୍ଡିତ ଗୋପବନ୍ଧୁଙ୍କ ଉପରେ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଧାପକ ଡ. ରାଧାଗୋବିନ୍ଦ କୁଇଲା, ଡ. ନାରାୟଣ ବେହେରା ଗୋପବନ୍ଧୁଙ୍କ ସାହିତ୍ୟର ଦୃଷ୍ଟି ଓ ଦିଗନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ଆନନ୍ଦ ଶତପଥୀ ଓ ରାକ୍ଷୀରାଣୀ ବେହେରା ଦ୍ୱିତୀୟ ଅଧିବେଶନକୁ ପରିଚାଳନା କରିଥିଲେ। ଶର୍ମିଷ୍ଠା ମିଶ୍ର, ଶିବାନୀ ମିଶ୍ର, ସନ୍ଧ୍ୟାରାଣୀ ସେଠୀ, ମାମୁନୀ କର, ରୁକ୍ମିଣୀ କିସ୍କୁ ପ୍ରମୁଖ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବଲିଉଡ୍ ଅଭିନେତା କିରଣ କୁମାର ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## 'ସୁଅ ସଦାବେଳେ ସ୍ୱାଧୀନ' ପ୍ରଦର୍ଶିତ

### ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଭିତ୍ତିକ ନାଟକ

ଡେଲାଙ୍ଗ,୧୨।୧୦(ରଶ୍ମିରଞ୍ଜନ ପ୍ରଧାନ):

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ମାର୍ଗଦର୍ଶନରେ 'ଅମୃତ କଳସଯାତ୍ରା' ଓ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଡେଲାଙ୍ଗ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ସାମାଜିକ ଚେତନା ଧର୍ମୀ ଓ କ୍ଷୁଦ୍ର ପଥପ୍ରାନ୍ତ ନାଟକ କରି ଆସୁଥିବା ଭୁବନେଶ୍ୱର ନାଟ୍ୟ ଚେତନା ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଭିତ୍ତିକ ନାଟକ 'ସୁଅ ସଦାବେଳେ ସ୍ୱାଧୀନ' ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଓ ବ୍ଲକ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତି ଝାଞ୍ଜ ବଜାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଗୋପବନ୍ଧୁଙ୍କ ଜୀବନୀ ଓ ନିଷ୍ଠାପର ସମାଜସେବା ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟଚେତନା ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଓ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶନାରେ ଉତ୍କଳମଣିଙ୍କ ବନ୍ୟା ବିପନ୍ନଙ୍କୁ ଉଦ୍ଧାର, ମହାତ୍ମା ଗାନ୍ଧୀଙ୍କ ସହ ସାକ୍ଷାତ ଓ ସ୍ୱାଧୀନତା ସଂଗ୍ରାମ ସମ୍ପୃକ୍ତିର ଦୃଶ୍ୟ ପରିବେଷଣ ଲୋକମାନଙ୍କ ମନରେ ଦେଶପ୍ରେମ ଜାଗରଣ କରିବ ବୋଲି ନାଟ୍ୟକାର ସୁବୋଧ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ।



ପଥପ୍ରାନ୍ତ ନାଟକ 'ସୁଅ ସଦାବେଳେ ସ୍ୱାଧୀନ' ପ୍ରଦର୍ଶନ କରାଯାଉଛି ।

## ଗୀତିନାଟ୍ୟ ମାଧ୍ୟମରେ ସାଇବର ସୁରକ୍ଷା ସଚେତନତା

ଅସ୍ତରଙ୍ଗ, ୧୨।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ):

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ମହାବିଦ୍ୟାଳୟ ଓ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୀତିନାଟ୍ୟ ସହ ଅଡିଓ ଭିଜୁଆଲ 'ଥିମ ସଙ୍ଗ' ମାଧ୍ୟମରେ ପୋଲିସ ପକ୍ଷରୁ ସଚେତନତା କରାଯାଇଥିଲା। ବିଶେଷକରି ସାଇବର ଲୁଟେରା ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ କରି ଲୁଟୁଥିବା ନଜରକୁ ଆସିଛି। ଏହାକୁ ଭିଡିଓ ସହ ଗୀତିନାଟ୍ୟ ମାଧ୍ୟମରେ ବୁଝାଇଥିଲେ କଳାକାର। ୬ ଜଣ କଳାକାର ସହ ମାସ୍କଟ 'ସାଇରା' ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସାଇବର ଅପରାଧ ଠାରୁ କିଭଳି ଦୂରେଇ ହେବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ସଚେତନ କରାଇଥିଲେ। ଅର୍ଥାତ ସଚେତନ ହେଲେ ଅପରାଧ କମିବ ବୋଲି ଏଥିରେ ଦର୍ଶାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅସ୍ତରଙ୍ଗ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, ଅସ୍ତରଙ୍ଗ ମହାବିଦ୍ୟାଳୟ ଅଧକ୍ଷ ଡ. ଜିତେନ୍ଦ୍ର କୁମାର ସାମଲ, ଅଧକ୍ଷା କୁନିଲତା ରାଉତ, ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଉଦୟରାଜ ସିହ୍ନା, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରିୟବ୍ରତ ପରିଡା, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ କର, ବିଜୟ କୁମାର ଦାସ, ଏଏସଆଇ ଗଙ୍ଗାଧର ନାୟକ, ସବଇନ୍ସପେକ୍ଟର ଦୀପକ ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ଯୋଗାଣ ବିଭାଗର ଚଢ଼ାଉ, ୯ ସିଲିଣ୍ଡର ଜବତ

କଟକ,୧୨।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସଦର ଉପଖଣ୍ଡର ବିଭିନ୍ନ ବଜାରରେ ଯୋଗାଣ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ବିଶେଷକରି ତ୍ରିଶୁଳିଆ ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ଏବଂ ନଖରା ଅଞ୍ଚଳର ବିଭିନ୍ନ ଏଲ୍‌ପିଜି ଷ୍ଟୋଭ ରିପ୍ୟାରିଂ ଦୋକାନ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଏକ ଏଲପିଜି ଷ୍ଟୋଭ ରିପ୍ୟାରିଂ ଦୋକାନରୁ ୯ଟି ଘରୋଇ ସିଲିଣ୍ଡର ଜବତ କରାଯାଇଥିଲା। ଆଗାମୀ ଦିନରେ ଏଭଳି ଚଢାଉ ଜାରି ରହିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନ ଏବଂ ମଧୁସ୍ମିତା ମାଝି ସାମିଲ ହୋଇଥିଲେ।

### ମୋବାଇଲ ଚୋରି, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୧୨।୧୦(ମାନସ ସାମଲ)

ମୋବାଇଲ ଚୋରି ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଆଗ୍ରାହାଟ ଗ୍ରାମ ନେହୁର ସାହିର ବାପି ଓରଫ ପ୍ରେମାନନ୍ଦ ମାଝୀ। ତାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଛି। ସୋମବାର ଭୋର ସମୟରେ ଜଗତପୁର ମୁଣ୍ଡାସାହିର ରାନୀ ଚାଟରଙ୍କ ଘରୁ କେହି ଦୁର୍ବୃତ୍ତ ମୋବାଇଲ ଚୋରି କରିଥିଲେ। ଏନେଇ ରାନୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୦୯/୨୩) ରୁଜୁ କରିଥିଲା।

### ଆନ୍ତର୍ଜାତିକ ବାଳିକା ଦିବସ

କଟକ,୧୨।୧୦ (କାର୍ତ୍ତିକ ସାହୁ)

ଜିଲା ସମଗ୍ର ଶିକ୍ଷା ଅଭିଯାନ ଓ ଜିଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଉଦ୍ୟମରେ କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ସଭାଗୃହରେ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ସାମାଜିକ ସଙ୍ଗଠନ ଉତ୍କଳ ସେବକ ସମାଜ ଦ୍ୱାରା କଟକ ଜିଲାରେ କାର୍ଯ୍ୟକାରୀ ହେଉଥିବା ଆକ୍ସେସ୍ ଟୁ ଜଷ୍ଟିସ୍ କାର୍ଯ୍ୟକ୍ରମ ପକ୍ଷରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିଶୁ ଅଧିକାର କର୍ମୀ ଭୁବନ ରିଭୁଙ୍କ ଲିଖିତ 'ହ୍ୱେନ୍ ଚିଲ୍‌ଡ୍ରେନ୍ ହାବ୍ ଚିଲ୍‌ଡ୍ରେନ' ପୁସ୍ତକ ଉନ୍ମୋଚନ ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକ ମାନସୀ ଧଳ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଉପମା ଗନ୍ତାୟତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧ୍ୟକ୍ଷ ମନ୍ଦାକିନୀ ଜେମା, ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳ ଓ ନିର୍ଦ୍ଦେଶକ ଅନ୍ୱୟ ଅଭିନବ ଯୋଗଦେଇଥିଲେ। ଏହି ଅବସରରେ ଚୌଦ୍ୱାର ଅଞ୍ଚଳର ବାଲ୍ୟବିବାହକୁ ସାହସର ସହିତ ବନ୍ଦ କରିବାରେ ସଫଳ ହୋଇଥିବା ରୀମା ଘଡ଼େଇ ନିଜର ସଂଘର୍ଷ ଓ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ। ଏଥିସହ ଜଣେ ସ୍କୁଲ ଛାତ୍ରୀ ଉପସ୍ଥିତ ସମସ୍ତଙ୍କୁ କଟକ ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ।

# ୧୦ ଦିନରେ ରାସ୍ତା କାମ ସାରିବାକୁ ତାଗିଦ

କଟକ,୧୨।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)


ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ଅନ୍ୟମାନେ।

■ୱାଟ୍‌କୋ, ପୂର୍ତ୍ତ ବିଭାଗ ସହ ସିଏମସିର ସମନ୍ୱୟ ବୈଠକ
■ବିଭାଗ ମଧ୍ୟରେ ରହୁନି ସମନ୍ୱୟ

କଟକ ମହାନଗର ନିଗମ(ସିଏମ୍‌ସି) ବିଜୁ ଭବନରେ ସିଏମ୍‌ସି ପକ୍ଷରୁ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ), ପୂର୍ତ୍ତ ବିଭାଗକୁ ନେଇ ଏକ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିପର୍ଯ୍ୟସ୍ତ ରାସ୍ତା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମେୟର ସୁବାସ ସିଂ ଏଥିରେ ଅଧ୍ୟକ୍ଷତା କରି ସହରର ରାସ୍ତା ମରାମତି ବିଳମ୍ବକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏଥିରେ ବିଳମ୍ବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରାଇଛନ୍ତି।

ଚଳିତବର୍ଷ ଦଶହରା ପୂର୍ବରୁ ରାସ୍ତା ମରାମତି ସରିବ ବୋଲି ସିଏମ୍‌ସି ଦୁଇ ମାସ ତଳୁ ପ୍ରସ୍ତୁତି ଆରମ୍ଭ କରିଥିଲା କିନ୍ତୁ ଆଶା ଅନୁସାରେ ଫଳ ମିଳିନାହିଁ। ଏହାକୁ ନେଇ ବିଭିନ୍ନ ପୂଜା କମିଟି ଓ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିଭଳି ବିପର୍ଯ୍ୟସ୍ତ ରାସ୍ତାଘାଟ, ଡ୍ରେନ୍ ଯୋଗୁ ଜନସାଧାରଣ ଭୋଗୁଥିବା ସମସ୍ୟା ଓ ଏକ୍ଷେତ୍ରରେ ବିଭିନ୍ନ ସଂସ୍ଥାର ଆଭିମୁଖ୍ୟକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ସଡ଼କ ଓ ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସେହିଭଳି ୱାଟ୍‌କୋ ଅଧିକାଂଶ ରାସ୍ତା ଖୋଳି ଅଧାପନ୍ତରିଆ କାମ କରିଛି। ଏହି ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ କାମ ବିଳମ୍ବ ହେଉଛି। ତେଣୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବର୍ଷା ହେଉଥିବାରୁ କାମ ବିଳମ୍ବ ନେଇ କାରଣ ଦର୍ଶାଇବା ସହଜରେ ଗ୍ରହଣଯୋଗ୍ୟ ହୋଇ ନ ଥିଲା। ତେଣୁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମେୟର ଓ କମିଶନର ନିଖିଲ ପୱନ କଲ୍ୟାଣ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିଏମ୍‌ସି ଅଧୀନରେ ଥିବା ରାସ୍ତା କାମ ୧୦ ଦିନ ଭିତରେ ବିଭାଗୀୟ ଅଧିକାରୀ ସାରିବାକୁ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ସ୍ଥାୟୀ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ସ୍ୱାସ୍ଥ୍ୟ ସ୍ଥାୟୀ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ନଗର ଯନ୍ତ୍ରୀ ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଡି.ଆର. ତ୍ରିପାଠୀ, ନନ୍ଦକିଶୋର ପାଲଙ୍କ ସମେତ କନିଷ୍ଠ ଯନ୍ତ୍ରୀ, ୱାଟ୍‌କୋ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।


କଟକ ବାରବାଟୀ ଷ୍ଟାଡିୟମରେ ସେଣ୍ଟ ଜାଭିୟର ସ୍କୁଲ ପକ୍ଷରୁ ଅନୁଷ୍ଠିତ ବାସ୍କେଟ ବଲ କ୍ଲଷ୍ଟର-୨ ଉଦ୍‌ଘାଟନୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ମହାନଦୀବିହାର ଉନ୍ନତୀକରଣ ପାଇଁ ୮ କୋଟି

କଟକ,୧୨।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**୪ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ**

କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୪୬ ଓ ୪୭ ନମ୍ବର ୱାର୍ଡରେ ଗୁରୁବାର ତିନୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ଉପରୋକ୍ତ ୱାର୍ଡରେ ୨ କୋଟି ୨୪ ଲକ୍ଷ ୭୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା, ନାଳ ଏବଂ ନୂତନ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ସେହିପରି ୬ କୋଟି ୩୯ ଲକ୍ଷ ୫୫ ହଜାର ୩୦୦ ଟଙ୍କା ବ୍ୟୟରେ ମହାନଦୀ ବିହାରସ୍ଥିତ ମିନି ଷ୍ଟାଡିୟମର ଆଧୁନିକୀରଣ, ପ୍ରି-କାଷ୍ଟ ଡ୍ରେନ୍ ନିର୍ମାଣ ଓ ମହାନଦୀବିହାର ପାର୍କ(ସ୍ମାର୍ଟ)ର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ୪୭ ନମ୍ବର ୱାର୍ଡ କର୍ପୋରେଟର ଇଂ. ସୁବ୍ରତ ଘଡାଇ ଯୋଗଦେଇଥିଲେ। ଏହି ମିନି ଷ୍ଟାଡିୟମ ଓ ପାର୍କର ଉନ୍ନତୀକରଣ କାର୍ଯ୍ୟ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯିବାକୁ ଥିଲାବେଳେ ସିଏମ୍‌ସି ପକ୍ଷରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କଠାରୁ ରିଲାଏନ୍ସ ଫ୍ରେସ୍ ପର୍ଯ୍ୟନ୍ତ ପ୍ରିକାଷ୍ଟ ଡ୍ରେନ୍ ନିର୍ମାଣ କରାଯିବ। ଧାର୍ଯ୍ୟ ସମୟ ଭିତରେ ଏସବୁ କାର୍ଯ୍ୟ ଶେଷ କରାଯିବ ବୋଲି ମେୟର ସିଂ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ଡିଏର ସଭାପତି ରବୀନ୍ଦ୍ର ତ୍ରିପାଠୀ, ସମ୍ପାଦକ ହିମାଂଶୁ ଷଡଙ୍ଗୀ, ମହିଳା ସମିତି ସଭାପତି ଇନ୍ଦୁ ଦାଶ, ବରିଷ୍ଠ ନାଗରିକ ପ୍ରମୋଦ କୁମାର ମିଶ୍ର, ସଞ୍ଜୟ ଜେନା, ମନୋଜ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁରବି ଓ ଯୁବକମାନେ ଉପସ୍ଥିତ ଥିଲେ।

# ଗ୍ରାମସଭାରେ ପ୍ରକଳ୍ପ ତାଲିକା ଅନୁମୋଦନ

କଟକ ସଦର,୧୨।୧୦
(ସୁଶାନ୍ତ କୁମାର ଜେନା)

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ପ୍ରସ୍ତୁତ ପ୍ରକଳ୍ପ ତାଲିକାଗୁଡିକ ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଛି ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା ସରକାରଙ୍କୁ ଜଣାଇ ସାରିଛନ୍ତି। ଏନେଇ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଗ୍ରାମସଭାର ଫଟୋ ମଧ୍ୟ ଆଡ୍‌ଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। କାରଣ ଯେଉଁ ପଞ୍ଚାୟତରେ ଏହି ଯୋଜନାର ପ୍ରକଳ୍ପ ତାଲିକା ଗ୍ରାମସଭାର ଅନୁମୋଦନ ଲାଭ କରି ନ ଥିବ, ସେଠାରେ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ତେଣୁ ବିନା ଗ୍ରାମସଭା ଦ୍ୱାରା ମଞ୍ଜୁର ପାଇଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ ଉପରେ କୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଉକ୍ତ ବ୍ଲକର ୨୩ଟି ପଞ୍ଚାୟତରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ଗ୍ରାମସଭା ଡକାଯାଇଥିଲା ବୋଲି ବିଡିଓ ପରିଡ଼ା ସତ୍ୟପାଠ ଜରିଆରେ କୋର୍ଟଙ୍କୁ ଜଣାଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୯ ତାରିଖରେ ପ୍ରକଳ୍ପଗୁଡ଼ିକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ମଞ୍ଜୁର କରିବା କାର୍ଯ୍ୟକ୍ରମ ରହିଛି। ମୋଟ ୧୧ କୋଟି ୫୦ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯିବ। ପରମହଂସ, କିଶୋରନଗର, କନ୍ଦରପୁର, କଳପଡ଼ା ଓ ଉରାଳି ଭଳି ବଡ଼ ପଞ୍ଚାୟତରେ ୫୦ ଲକ୍ଷ ଲେଖାଏ ଟଙ୍କା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମସଭାରେ ଆଲୋଚନା ହୋଇଥିଲା। ସେହିପରି ଜନସଂଖ୍ୟା ଦୃଷ୍ଟିରୁ ଫକୀରପଡ଼ା, ଗତିରାଉତପାଟଣା, ଧରିଣା, ପ୍ରହରାଜପୁର, ଅରିଲୋ, ବୋଧପୁର ପଞ୍ଚାୟତରେ ଅର୍ଥ ସୁରୁଖୁରୁରେ ବଣ୍ଟନ କରାଯାଇଥିବା ଜଣାପଡିଛି।

# 'ଜନ୍ମରୁ ମୃତ୍ୟୁ ଯାଏ ଜୀବନ ଯୋଗମୟ'

କଟକ,୧୨।୧୦ (କାର୍ତ୍ତିକ ସାହୁ)

କଟକ ଉପର ତେଲେଙ୍ଗା ବଜାରସ୍ଥିତ ଅନନ୍ତ ବଳିଆ ସେବାଶ୍ରମ ପରିସରରେ ଅନନ୍ତ ବଳିଆ ଯୋଗ ନିକେତନ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ବାବା ବଳିଆ ଉଦ୍‌ଘାଟନ କରି କହିଥିଲେ, ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଯୋଗମୟ। ଭାରତର ପ୍ରତ୍ୟେକ ସିଦ୍ଧିପ୍ରାପ୍ତ ମହାପୁରୁଷ ଜଣେ ଜଣେ ମହାନ୍ ଯୋଗୀ। ଯେଉଁ ଜୀବନରେ ଯୋଗ ନାହିଁ ସେଠି ରୋଗ ବ୍ୟାପିବାଟା ଥୟ। ଶରୀର ଓ ମନକୁ ସୁସ୍ଥ ରଖିବା ଲାଗି ଯୋଗକୁ ଆପଣାନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଆଶ୍ରମ ପାଇଁ ପ୍ରଣବ ଘୋଷ ଓ ଯୋଗମାୟା ଘୋଷଙ୍କ ଅବଦାନକୁ ବାବା ବଳିଆ ସ୍ମରଣ କରିଥିଲେ। ଯୋଗ ଶିକ୍ଷକ ନିଗମାନନ୍ଦ ନାୟକ, ଅନନ୍ତ ପ୍ରସାଦ ବାରିକ, ତପନ କୁମାର ଜେନା ଓ ସାଗରିକା ଜେନାଙ୍କୁ ଯୋଗ ନିକେତନର ପରିଚାଳନା ଦାୟିତ୍ୱ ଅର୍ପଣ କରାଯାଇଛି। ସଂଘ ସଦସ୍ୟ ସୁବ୍ରତ ମହାନ୍ତି, ସୁଦୀପ୍ତ ସ୍ୱାଇଁ ଯୋଗ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୋଗଗୁରୁ ସାଗରିକା ଜେନା, ସହଯୋଗୀ ସୁଚରିତା ପରିଡ଼ା, ମିନତୀ ବେହେରା ସୂର୍ଯ୍ୟ ନମସ୍କାର ଓ ଶୀର୍ଷାସନ ପ୍ରଦର୍ଶନ କରି ଉପକାରିତା ଉପରେ ସୂଚନା ଦେଇଥିଲେ। ଆଶ୍ରମର ବାବାଜୀ ପ୍ରଣବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ମ୍ୟାନେଜିଂ ଟ୍ରଷ୍ଟି ପ୍ୟାରୀମୋହନ ରାଉତରାୟଙ୍କ ସମେତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବାବା ବଳିଆଙ୍କ ସହ ଅନ୍ୟମାନେ।

### ବିଶ୍ୱ ଦୃଷ୍ଟି ଦିବସ ପାଳିତ

କଟକ,୧୨।୧୦ (କାର୍ତ୍ତିକ ସାହୁ)

ବିଶ୍ୱରେ ଅକ୍ଟୋବର ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ଦୃଷ୍ଟି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହାର ଥିମ୍ ହେଉଛି ନିଜ ଆଖିକୁ ଭଲ ପାଆନ୍ତୁ ଏବଂ ଏହାର ଯତ୍ନ ନିଅ। ଏହି ଅବସରରେ ଗୁରୁବାର କଟକ ସିଡିଏ ସେକ୍ଟର-୬ସ୍ଥିତ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜିଲା ଅନ୍ଧତ୍ୱ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଡା. କ୍ରିଷ୍ଣା କାବେରୀ ପଟ୍ଟନାୟକ ଓ ଅବସରପ୍ରାପ୍ତ ବରିଷ୍ଠ ଚକ୍ଷୁ ଚିକିତ୍ସକ ମଦନ ମୋହନ ମହାପାତ୍ର ଯୋଗଦେଇ ଚକ୍ଷୁର ଯତ୍ନ ତଥା ଅନ୍ଧତ୍ୱ ନିରାକରଣ ସମ୍ବନ୍ଧୀୟ ସଚେତନତା ଉପରେ ଆଲୋକପାତ କରିଥିଲେ। ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ସଭାପତି ଜଗବନ୍ଧୁ ସାହୁ, ଉପ ସଭାପତି ସୁଜିତାଭ ଶତପଥୀ, ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଚୌଦ୍ୱାର,୧୨।୧୦(ଆଶୁତୋଷ ଦାସ)

କମିଶନରେଟ୍ ପୋଲିସ ପକ୍ଷରୁ ଚୌଦ୍ୱାର ଅଞ୍ଚଳରେ ସାଇବର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ସାଇବର ସଚେତନତା ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଓଟିଏମ୍ ହାଇସ୍କୁଲରେ ପହଞ୍ଚିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ରେଣୁବାଳା ତ୍ରିପାଠୀ, ଅର୍ଜୁନ ପଣ୍ଡାଙ୍କ ସମେତ ପୋଲିସ ଅଧିକାରୀମାନେ ଯୋଗଦେଇ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ବିଶେଷକରି ବ୍ୟକ୍ତିଗତ ଭାବେ ସତର୍କ ଓ ସଚେତନ ନ ହେଲେ ଏହାକୁ ରୋକିବା ସମ୍ଭବ ନୁହେଁ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ ଯୋଗଦେଇଥିଲେ।

# ସାଧନା କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ

କଟକ,୧୨।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ଡ୍ରିମ୍‌ସରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ବି.ଟେକ୍ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଥିଲେ, ବିଦ୍ୟାର୍ଥୀମାନେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱଦେଇ ସାଧନା ଜାରି ରଖିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହେବ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ସ୍ୱୟଂସୁଧା ରାଉତ 'ମିସ୍ ଫେସର୍ସ' ଓ ଛାତ୍ର ସାଜନ୍ କୁମାର 'ମିଷ୍ଟର ଫେସର୍ସ' ଆଖ୍ୟା ଅର୍ଜନ କରିଥିଲେ। ଏଥିସହ ସୁନ୍ଦର ପୋଷାକ ପରିଧାନ ପାଇଁ ଛାତ୍ରୀ ରାଶେଶ୍ୱରୀ ବେହେରା ଓ ଛାତ୍ର ତୁଷାର ରଞ୍ଜନ ସାହୁ ଏବଂ ମି. ଟ୍ୟାଲେଣ୍ଟେଡ୍ ଭାବରେ ଛାତ୍ର ଅରୁପ କୁମାର ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକକୁ ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଅନୁରେଖା ନାୟକ ଓ ପ୍ରାଧ୍ୟାପକ ରଶ୍ମିରଞ୍ଜନ ବିଶ୍ୱାଳ ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଓ ସୁନୟ ମିଶ୍ର ଉପସ୍ଥିତ ଥିଲେ।


ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ନଭେମ୍ବର ୨୫ରେ ବଡ଼ଓଷା, ୨୬ରେ ଗଜଭୋଗ ବିତରଣ

ଖୁଣ୍ଟୁଣୀ,୧୨।୧୦(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ପଞ୍ଚକ ପାଳନ କରାଯିବ। ନଭେମ୍ବର ୨୫ରେ ବଡ଼ଓଷା ପାଳନ ଓ ୨୬ ତାରିଖ ପ୍ରାତଃରୁ ଠାକୁରଙ୍କ ଗଜଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ। ପଞ୍ଚକ ୫ ଦିନ ଠାକୁରଙ୍କର ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଏହାକୁ ଦେଖିବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଝୁଲାପୋଲ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ କଂକ୍ରିଟ୍ ପୋଲରେ ଯାତାୟାତ କରିବେ। ଉକ୍ତ ପୋଲର ଉଭୟ ପାର୍ଶ୍ୱରୁ ୬୦୦ ଶ୍ରଦ୍ଧାଳୁ ଯାତାୟାତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥା କରାଯିବ। ଆମ୍ବୁଲାନ୍ସ ଓ ଅଗ୍ନିଶମ କର୍ମଚାରୀ ୨୪ ଘଣ୍ଟିଆ ଡ୍ୟୁଟି କରିବେ।


ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅଧିକାରୀମାନେ।

**ଧବଳେଶ୍ୱରଙ୍କ ପଞ୍ଚକ, ବଡ଼ଓଷା ପ୍ରସ୍ତୁତି ବୈଠକ**

■ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥା

ପଞ୍ଚକରେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ପକ୍ଷରୁ ପାଣି ବୋତଲ ବ୍ୟବସ୍ଥା କରାଯିବ। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଠଗଡ଼ ବିଦ୍ୟୁତ୍ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୪ ଘଣ୍ଟିଆ ପାନୀୟ ଜଳ ବ୍ୟବସ୍ଥା ଓ ପୀଠ ପରିସର ସଫା ରଖିବା ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଆଠଗଡ଼ ଏନ୍‌ଏସି ଏବଂ ଅନନ୍ତ ଗୋପାଳ ଭକ୍ତ ସମାଜ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। କଂକ୍ରିଟ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ସଭା ପରିଚାଳନା କରିଥିଲେ। ଏଥିରେ ଜିଲା ପ୍ରକଳ୍ପ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଉପଖଣ୍ଡ ସୂଚନା ଅଧିକାରୀ କାଳୀଚରଣ ଶତପଥୀ, ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି, ଗୁରୁଡିଝାଟିଆ ଥାନା ଆଇଆଇସି ସୁମନ୍ତ କିଷାନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଡିଓ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୩୧୯ ଗ୍ରନ୍ଥାଗାରିକ ପଦବୀ ପୂରଣ ଦାବି

**ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୨୦୧୫ରୁ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଏଥିରେ ଥିବା ପାଠାଗାର ନିମନ୍ତେ ୩୧୯ଟି ଗ୍ରନ୍ଥାଗାରିକ ପଦବୀ ପୂରଣ ହୋଇନାହିଁ। ଏନେଇ ଓଡିଶା ଲାଇବ୍ରେରୀ ମୁଭ୍‌ମେଣ୍ଟ ପକ୍ଷରୁ ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସଂଯୋଜକ ସୁନୀଲ ମିଶ୍ର, ପ୍ରଦୀପ୍ତ ଚିନରା, ଦିଗନ୍ତ ପରିଡା, ସରିତା ମୁର୍ମୁ ପ୍ରମୁଖଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମରେ ୨୨୭ଟି, ୧୦ଟି ଏବଂ ୭୭ଟି କରି ମୋଟ ୩୧୪ଟି ବ୍ଲକସ୍ତରୀୟ ଆଦର୍ଶ ବିଦ୍ୟାଳୟରେ ଏବଂ ମାଇନିଂ ବିଭାଗ ଦ୍ୱାରା ୫ଟି ଗ୍ରନ୍ଥାଗାରିକ ପଦବୀକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ପଦବୀଗୁଡ଼ିକ ପୂରଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପଦବୀ ପୂରଣ ହୋଇନାହିଁ। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପାଠାଗାର ପରିଚାଳନା ନିମନ୍ତେ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକ ନିଯୁକ୍ତି କରିବା ଆବଶ୍ୟକ। ସେହିପରି ଅନ୍ୟ ରାଜ୍ୟଗୁଡିକରେ ବହୁମାତ୍ରାରେ ଗ୍ରନ୍ଥାଗାରିକ ପଦବୀ ପୂରଣ କରାଯାଇଥିବାବେଳେ ଓଡ଼ିଶାରେ ଅତ୍ୟନ୍ତ ନଗଣ୍ୟ। ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗରୁ ପ୍ରତିବର୍ଷ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବାହାରୁଥିବାବେଳେ ନିଯୁକ୍ତି ଅଭାବରୁ ଏହି ଶିକ୍ଷା ପ୍ରତି ବିମୁଖ ହେଉଛନ୍ତି।

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ବାରଙ୍ଗ,୧୨।୧୦(ଲିଙ୍ଗରାଜ ରାଉତ):** ବାରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନରଣପୁର ଉ.ପ୍ରା. ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଡ. ପ୍ରମୋଦ ମଲ୍ଲିକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ, ବାରଙ୍ଗ ସାବିତ୍ରୀ ଦଳେଇ, ବିଡିଓ ବିଶ୍ୱରଞ୍ଜନ ବିଶ୍ୱାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାର ଶୁଭେଚ୍ଛା ଜଣେଇବା ସହ ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଆୟୋଜିତ ସୁରଭି-୨୦୨୩ କାର୍ଯ୍ୟକ୍ରମର ମହତ୍ତ୍ୱକୁ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ପ୍ରଥମ ଭାବେ କୃତୀ ଛାତ୍ରୀଛାତ୍ରଙ୍କ ନାମ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଘୋଷଣା କରାଯାଇଥିଲା। ଶିକ୍ଷକ ଗଣେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଦିଲ୍ଲୀପ ବେହେରା ଧନ୍ୟବାଦ ଦେଇଥିଲେ।

# ପାନ୍ଥନିବାସର ଘରୋଇକରଣ ବନ୍ଦ କରାଯାଉ

## ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର ୪ ଦାବି




ଖବରଦାତା ସମ୍ମିଳନୀରେ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଉଛି।

**ଭୁବନେଶ୍ୱର,୧୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧୀନରେ ଥିବା ପାନ୍ଥ ନିବାସର ଘରୋଇକରଣକୁ ଦୃଢ଼ ବିରୋଧ କରୁଛି ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ। ସଂଘ ପକ୍ଷରୁ ଗୁରୁବାର ପାନ୍ଥନିବାସଠାରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇ ଏଥିସହ ଓଟିଡିସିର ପରିଚାଳନାକୁ ନେଇ ଅଭିଯୋଗ ଉଠାଇବା ସହ ୪ଟି ଦାବି ରଖିଛି। ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କହିଛନ୍ତି, କିଛି ଅଘୋଷିତ ୟୁନିୟନ ଅଯଥାରେ ଓଟିଡିସି ମ୍ୟାନେଜମେଣ୍ଟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। କିଛି ଆଉଟ ସୋର୍ସିଂ କର୍ମଚାରୀଙ୍କୁ ମତାଇ ଏହାର ସର୍ଭିସ୍ ପ୍ରୋଭାଇଡର ସଂସ୍ଥା ଏମ୍.ବି. ସିକ୍ୟୁରିଟି ଏବଂ ଇନଭେଷ୍ଟିଗେଶନ୍ ବ୍ୟୁରୋ ବିରୋଧରେ ଲେବର କୋର୍ଟ କରିବା ସହିତ ଓଟିଡିସି ପରିଚାଳନା ନିର୍ଦ୍ଦେଶକଙ୍କ ନାମରେ ନୋଟିସ କରୁଛନ୍ତି। ଆସନ୍ତା ୧୭ ତାରିଖରେ ସେହି ଅଘୋଷିତ ୟୁନିୟନ୍ ପକ୍ଷରୁ ପାନ୍ଥନିବାସ ସମ୍ମୁଖରେ ଧାରଣା ଦେବାକୁ ଧମକ ଦିଆଯାଇଛି। ଏହାକୁ ଆମେ ନିନ୍ଦା କରୁଛି। ଅନ୍ୟପକ୍ଷରେ ସଂଘର ୪ଟି ଦାବିକୁ ନେଇ ସେ କହିଲେ, ପାନ୍ଥନିବାସ ଘରୋଇକରଣ ବନ୍ଦ ହେବା ଆବଶ୍ୟକ। ଆଗରୁ ୪ ପାନ୍ଥ ନିବାସର ଘରୋଇକରଣ କରାଯାଇଥିଲା। ଏବେ ପୁଣି ପାରାଦ୍ୱୀପ ଓ ସାତପଡ଼ାକୁ ଘରୋଇକରଣ ପ୍ରକ୍ରିୟା ଚାଲିଛି। କୋଭିଡ୍ ସମୟରେ ମଧ୍ୟ ସଂଘ ଏହି ସବୁ କାର୍ଯ୍ୟ ହାତକୁ ନେଇ ଲାଭ କରି ଦେଖାଇଛି। ତା'ପରେ ବି କାହିଁକି ଅନ୍ୟକୁ ଘରୋଇକରଣ ପାଇଁ ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏମିତି ହେବା ଦ୍ୱାରା ୟୁନିୟନ୍ ପାଖରୁ ଧୀରେ ଧୀରେ କ୍ଷମତା ସବୁ ଚାଲି ଯାଉଛି। ପର୍ଯ୍ୟଟନର ବିକାଶ ମଧ୍ୟ ହେଉନାହିଁ। ଏହା ଛଡ଼ା ପର୍ଯ୍ୟଟନର ମାନୁଆଲ୍ ବୁକ୍‌ରେ ଏହାର କମର୍ସିଆଲ୍ ବ୍ୟବହାର ହେବା ନାହିଁ। ନିଜେ କରିଥିବା ନିୟମକୁ କିଭଳି ବିଭାଗ ନିଜେ ମାନୁନି ସେ ନେଇ ବେଣୁଧର ପ୍ରଶ୍ନ କରିଛନ୍ତି। ସଭାପତି ଶିବାନନ୍ଦ ରାୟ ଅନ୍ୟ ୩ଟି ଦାବି ଉପସ୍ଥାପିତ କରି କହିଛନ୍ତି, ଏନ୍‌ଏମ୍‌ଆର୍ କର୍ମଚାରୀଙ୍କ ବିଚାରଧୀନ ଥିବା ସବ୍ କମିଟିର ଫଳାଫଳ ଶୀଘ୍ର ପ୍ରକାଶ କରାଯାଉ। ସର୍ଭିସ୍ ରୁଲ୍ ବିଚାରଧୀନ ଅଛି ତାକୁ ମଧ୍ୟ ଶୀଘ୍ର ଲାଗୁ କରାଯାଉ। ଆଉଟସୋର୍ସିଂ କର୍ମଚାରୀଙ୍କ ଶ୍ରମ ବିଭାଗ ସର୍କୁଲାର୍‌ର ଭି.ଡି.ଏ ୧୨ଟଙ୍କା ବିଚାରଧୀନ ଅଛି ଏବଂ ଏହି ମାସରେ ୭ଟଙ୍କା ଭି.ଡି.ଏ ମଧ୍ୟ ସର୍ଭିସ୍ ପ୍ରୋଭାଇଡର୍ ଏଜେନ୍ସି ଲିଖିତ ଆକାରରେ ଦେଇଛନ୍ତି। ଏହି ୨ଟି ଭି.ଡି.ଏ ପ୍ରଦାନ କଲେ ଆଉଟ୍ ସୋର୍ସିଂ କର୍ମଚାରୀ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।

# ଅକ୍ଷୟ ମହାନ୍ତି ଓଡ଼ିଶା ସଙ୍ଗୀତ ଜଗତର ବାଦ୍‌ଶାହା

**ଭୁବନେଶ୍ୱର,୧୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଅକ୍ଷୟ ମହାନ୍ତି ଓଡ଼ିଶାର ସଙ୍ଗୀତ ଜଗତର ବାଦ୍‌ଶାହା ଥିଲେ। ସେ ଏକାଧାରରେ ଗୀତିକାର, କଣ୍ଠଶିଳ୍ପୀ ଭାବରେ ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ସହ ନିଜେ କଣ୍ଠଦାନ କରିଛନ୍ତି । ଭଜନ, ଜଣାଣ, ପଲ୍ଲୀଗୀତ, ଆଧୁନିକ ଗୀତ, ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଥିଲା। ତାଙ୍କ କଣ୍ଠର ଯାଦୁରେ ସେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ ବୋଲି ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ଔପନ୍ୟାସିକ, ଲେଖକ ଓ ଅଭିନେତା ଅକ୍ଷୟ ମହାନ୍ତିଙ୍କ ୮୯ତମ ଜୟନ୍ତୀ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। ନୂଆପଲ୍ଲୀ ବିଡିଏ ପାର୍କଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଶ୍ୱମୋହନ ଆଚାର୍ଯ୍ୟ, ଅଧ୍ୟାପକ ରଙ୍ଗାଧର ସାହୁ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳମଣିଙ୍କ ଜୟନ୍ତୀ

# ଆଜିର ଓଡ଼ିଶା ଥିଲା ଗୋପବନ୍ଧୁଙ୍କ ସ୍ୱପ୍ନ



'ଗୋପବନ୍ଧୁଙ୍କ ଶିକ୍ଷାବିଚାର' ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)**

ଉତ୍କଳମଣି ଗୋପବନ୍ଧୁ ମିଶନ୍ ଓ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ 'ଗୋପବନ୍ଧୁଙ୍କ ଶିକ୍ଷାବିଚାର' ଶୀର୍ଷକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ମିଶନ ସଭାପତି ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ର ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଯୋଗଦେଇ କହିଲେ, ଆଜିର ଓଡ଼ିଶା ଥିଲା ଗୋପବନ୍ଧୁଙ୍କ ସ୍ୱପ୍ନ। ଶିକ୍ଷାରେ ପରିବର୍ତ୍ତନ ଆଣିବା ଥିଲା ଗୋପବନ୍ଧୁଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ସେ ପୁରାତନ ଗୁରୁକୁଳ ପରି ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶିକ୍ଷା କିପରି ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେ ତା' ଉପରେ ଗୋବନ୍ଧୁଙ୍କ ଚିନ୍ତା ଓ ଚେତନା କିପରି ଜଡିତ ଥିଲା ସେନେଇ ଡ. ପଣ୍ଡା ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷା ଓ ଶାନ୍ତି, ଶିକ୍ଷା ଓ ଶାସନ, ଶିକ୍ଷା ଓ ଶ୍ରମ, ଶିକ୍ଷା ଓ କୃଷି ଏପରିକି ଶିକ୍ଷାସହ କୁଟୀର ଶିଳ୍ପର ସଂପୃକ୍ତି ବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ କରିବାର ନିର୍ବାର ଚିନ୍ତାକୁ ଚରିତାର୍ଥ କରିବାରେ ତାଙ୍କର ପ୍ରଖ୍ୟାତ ଅନୁରାଗ ଥିଲା। ମାତୃଭାଷାକୁ ଶ୍ରେଷ୍ଠ ଗୁରୁତ୍ୱ ପ୍ରଦାନ ନ କରିବା ଶିଶୁହତ୍ୟା ତୁଲ୍ୟ ପାପ ବୋଲି ଗୋପବନ୍ଧୁଙ୍କ ବିଚାର ଥିଲା। ମାତୃଭାଷାରେ ଉଚ୍ଚଶିକ୍ଷାକୁ ଗୁରୁତ୍ୱ ତାଙ୍କ ବିଚାରର ଅନ୍ୟତମ ଦିଗ ଥିଲା। ଗୋପବନ୍ଧୁଙ୍କ ସରଳ ଜୀବନଚର୍ଯ୍ୟା ଆଜି ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେଉ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତାଭାବେ ଯୋଗଦେଇ ଶ୍ରୀ ସାହିତ୍ୟର ସମ୍ପାଦକ ଶ୍ରୀକୃଷ୍ଣ ନାୟକ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଅଧ୍ୟୟନ ସହ ପୂର୍ଣ୍ଣାଙ୍ଗ ମଣିଷ ହେବାର ସରଳ ସୂତ୍ର ବତାଇ ଥିଲେ। ସେବାରୁ ଶିକ୍ଷା ହିଁ ପ୍ରକୃତ ଶିକ୍ଷା ଏବଂ ପ୍ରକୃତ ଶିକ୍ଷା ବିନା ଜୀବନ ନିରର୍ଥକ। ଅନ୍ୟପାଇଁ ବଞ୍ଚିବାର ଆନନ୍ଦ ଗୋପବନ୍ଧୁଙ୍କ ବୈଚିତ୍ର୍ୟ ଥିଲା ବୋଲି ସେ କହିଥିଲେ। ଶେଷରେ ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ରୀଛାତ୍ର ଗୁରୁବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ପରିବେଶ ଅନୁକୂଳ ଦୁର୍ଗାପୂଜା ପାଇଁ ପ୍ରସ୍ତାବ ଦେଉଛନ୍ତି।

### କାପୋକ ପକ୍ଷରୁ ଦୟାନଦୀରେ ତିଳତର୍ପଣ

**ବାଲକାଟୀ,୧୨।୧୦(ମନୋଜ ମଣ୍ଡଳ):** କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ପକ୍ଷରୁ ଗୁରୁବାର ପୁଣ୍ୟତୋୟା ଦୟାନଦୀର ତାରକେଶ୍ୱର ଘାଟରେ ପିତୃପକ୍ଷ ଶ୍ରାଦ୍ଧ ଅବସରରେ ତିଳତର୍ପଣ କରାଯାଇଛି। ସମାଜ ପାଇଁ ସମର୍ପିତ ସମସ୍ତ ମହାପୁରୁଷଙ୍କୁ ଏହି ତିଳତର୍ପଣ ମାଧ୍ୟମରେ ସମୂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାପୋକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗ୍ରନ୍ଥକାର, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧକ୍ଷ ତଥା କାପୋକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାଏ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂ, ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ମଧୁସୂଦନ ଦାସ, ସମିତି ସଭ୍ୟ ପ୍ରକାଶ ସାହୁ, କାପୋକ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଅନୁଷ୍ଠାନ ସଦସ୍ୟ ହରପ୍ରସାଦ ମହାପାତ୍ର, ଦୀନବନ୍ଧୁ ସ୍ୱାଇଁ, ବାମଦେବ ଗଜେନ୍ଦ୍ର, ବିକ୍ରମ ନାୟକ ଓ ରମେଶ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ।




କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ଦୟାନଦୀ ତାରକେଶ୍ୱର ଘାଟରେ ପିତୃପକ୍ଷ ଶ୍ରାଦ୍ଧ ଅବସରରେ ତିଳତର୍ପଣ କରାଯାଇଛି।

# ପରିବେଶ ଅନୁକୂଳ ପୂଜା ହେଉ

## ପୋଲିସ କମିଶନରଙ୍କୁ ପ୍ରସ୍ତାବ ଦେଲେ ସାଇ ଇଣ୍ଟରନ୍ୟାଶନାଲ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ପରିବେଶ ଅନୁକୂଳ ବା ଇକୋ ଫ୍ରେଣ୍ଡ୍‌ଲି ଦୁର୍ଗାପୂଜା ପାଇଁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ରୀଛାତ୍ର ନିବେଦନ କରିଛନ୍ତି। ଗୁରୁବାର ସେମାନେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଏହି ସୁନ୍ଦର ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜେ ପ୍ରସ୍ତୁତ କରିଥିବା ଦୁର୍ଗାଙ୍କ ଫଟୋ ଫ୍ରେମ୍ କମିଶନରଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରେ ମା' ଅଷ୍ଟଭୂଜା ବିଭିନ୍ନ ସଚେତନତା ବାର୍ତ୍ତା ଦେଉଥିଲେ। ଏକତା ଓ ଉତ୍ସବର ଦୁର୍ଗା ପୂଜାର ମହତ୍ତ୍ୱକୁ ଦୃଷ୍ଟିରେ ରଖି ଦେବୀଙ୍କ ହସ୍ତରେ ଥିବା ବିଭିନ୍ନ ଅସ୍ତ୍ରର ଗୁଣକୁ ଆଧୁନିକ ପରିବେଶ ଓ ସାମାଜିକ ଚିନ୍ତାଧାରା ସହ ଯୋଡ଼ି ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଜଳ ସଂରକ୍ଷଣ, ଜଳଜୀବଗୁଡ଼ିକର ସୁରକ୍ଷା ପାଇଁ ପଦ୍ମକୁ ଦର୍ଶାଯିବା ସହ ପରିବେଶ ଅନୁକୂଳ ବିସର୍ଜନର ବାର୍ତ୍ତା ଦେଇଥିଲେ। ତ୍ରିଶୂଳ ଓ ବର୍ଚ୍ଛାକୁ ବିଶୃଙ୍ଖଳା ହ୍ରାସ ସହ ଟ୍ରାଫିକ୍ ନିୟମ ପାଳନ ଓ ସଚେତନତା ସୃଷ୍ଟି ପାଇଁ, ଖଡ୍‌ଗ(ଖଣ୍ଡା)କୁ ଇକୋ-ଫ୍ରେଣ୍ଡଲି ଆତସବାଜିର ବ୍ୟବହାର ସହ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଦର୍ଶାଯାଇଥିଲା। ସେହିପରି କୁରାଢ଼ିକୁ ବାୟୋ ଶୌଚାଳୟ ଏବଂ ଉପଯୁକ୍ତ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ, ଶଙ୍ଖକୁ ବିଦ୍ୟୁତ୍‌ର ଠିକ୍ ବ୍ୟବହାର ଓ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ସୌରଶକ୍ତିର ଉପଯୋଗ ପାଇଁ ଦର୍ଶାଯାଇ ଆହ୍ୱାନ ଦିଆଯାଇଥିଲା। ଗଦାର ଉଦାହରଣ ସ୍ୱରୂପ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ ବା ବର୍ଜନ, ସେହିପରି ତୀରରେ ପୋଲିସ୍ ପାଟ୍ରୋଲିଂ, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ ଧନୁ ପାଇଁ ପରିବେଶ ଅନୁକୂଳ ମୂର୍ତ୍ତି ପାଇଁ ମାଟି, ବାଉଁଶ, ଝୋଟ ଆଦିର ବ୍ୟବହାର ଲାଗି ଛାତ୍ରୀଛାତ୍ର ସଚେତନ କରାଇଥିଲେ। ଛାତ୍ରୀଛାତ୍ରଙ୍କ ଏହି ପ୍ରସ୍ତାବ ସମ୍ପର୍କରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଲେ, ଏହି ପ୍ରସ୍ତାବ ଟ୍ୱିନ୍‌ସିଟିର ସମସ୍ତ ଦୁର୍ଗାପୂଜା କମିଟିଗୁଡ଼ିକୁ ପାଳନ କରିବା ପାଇଁ ପରାମର୍ଶ ଦିଆଯିବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ସଚେତନତାର ବାର୍ତ୍ତା ଏକ ସୁସ୍ଥ ତଥା ସୁନ୍ଦର ସମାଜ ଗଠନରେ ସହାୟକ ହେବ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି।

# ସୂଚନା ଅଧିକାର ଆଇନ କାର୍ଯ୍ୟକାରିତାରେ ପରିପକ୍ୱତା ଆସିନାହିଁ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ସୂଚନା ଅଧିକାର ଦିବସ

**ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)**

ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ୧୮ ବର୍ଷ ବିତିଲା ଏବଂ ଏହା ୧୯ବର୍ଷରେ ପାଦ ଥାପିଲା। ସୂଚନା ଅଧିକାର ଆଇନ ଏବେ ଯୁବକ, କିନ୍ତୁ ଏହାର କାର୍ଯ୍ୟକାରିତାରେ ପରିପକ୍ୱତା ଆସିନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ, ଲୋକ ପ୍ରଶାସନ ବିଭାଗ ଏବଂ ସାମାଜିକ ଅନୁଷ୍ଠାନ 'ଆରଟିଆଇ କ୍ଲିନିକ' ପକ୍ଷରୁ ବାଣୀବିହାର ପିଜି କାଉନସିଲ୍ ହଲ୍‌ରେ 'ସୂଚନା ଅଧିକାର ଦିବସ' ପାଳନ ଅବସରରେ ଏପରି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରି ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ନବନୀତା ରଥ କହିଛନ୍ତି, ସାରା ଦେଶରେ ଲାଗୁ ହୋଇଥିବା ସୂଚନା ଅଧିକାର ଆଇନ ଦୁର୍ନୀତି ନିରାକରଣ ଏବଂ ଉତ୍ତମ ଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଥିବା ସେ ପ୍ରକାଶ କରିଛନ୍ତି। ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ ବିଶୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ସୂଚନା ଅଧିକାର ଆଇନକୁ ଯଦି ଅଧିକ ପରିମାଣରେ ବ୍ୟବହାର ନକରିବା ତାହେଲେ ସ୍ୱଚ୍ଛତା ଓ ଦୁର୍ନୀତି ନିବାରଣ ଆଇନ ଦିଶାହୀନ ହୋଇଯିବ। ଗୃହ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ତଥା ଓକିଲ ଶ୍ରୀଭୂଷଣ ଶୁକ୍ଳା କହିଥିଲେ ଯେ ସରକାର ନିଜ କାର୍ଯ୍ୟକୁ ଏତେ ସ୍ୱଚ୍ଛ କରିବା ଉଚିତ ଯେ, ସୂଚନା ଆବେଦନ କରିବାର ଆବଶ୍ୟକତା ପଡିବ ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ଲୋକ ପ୍ରଶାସନ ବିଭାଗ ମୁଖ୍ୟ ଡ. ପ୍ରତିମା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ.ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆର୍‌ଟିଆଇ କ୍ଲିନିକର ଆବାହକ ମନୋରଞ୍ଜନ ପଣ୍ଡା ସୂଚନା ଅଧିକାରରେ କେମିତି ପ୍ରଶ୍ନ ତିଆରି କରାଯାଏ ଏବଂ ତାହାକୁ କିପରି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଏ ସେନେଇ ପ୍ରଶିକ୍ଷଣ ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଅମିତ କଲେଜ, ଇନଷ୍ଟିଚ୍ୟୁଟ ଅଫ ମିଡିଆ ଷ୍ଟଡିଜ(ଆଇଏମଏସ), ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ରୀଛାତ୍ର, ଗବେଷକ ଓ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ତୋରଣରେ ସର୍ବଧର୍ମର ବାର୍ତ୍ତା



**ଧରାବତରଣ କରିବେ ମା'**

**ଭୁବନେଶ୍ୱର,୧୨।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

## ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ

ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଏଥର ନିଆରା ଢଙ୍ଗରେ ମା'ଙ୍କ ଆବାହନ କରାଯିବ। ୨୦୦୮ରୁ ଆସୋସିଏଶନ ପକ୍ଷରୁ ଦୁର୍ଗାପୂଜା ଆଡମ୍ବର ସହକାରେ କରାଯାଉଛି। ସ୍ଥାୟୀ ମଣ୍ଡପରେ ମା'ଙ୍କ ପୂଜା ହେଉଥିବାବେଳେ ହିନ୍ଦୁ, ମୁସଲିମ୍ ଓ ଖ୍ରୀଷ୍ଟିଆନ ଧର୍ମର ଲୋକେ ମିଳିତ ଭାବେ ଏଠାରେ ପୂଜା କରିଥାନ୍ତି। ତେଣୁ ଚଳିତ ବର୍ଷ ସର୍ବ ଧର୍ମକୁ ନେଇ ଏଥର ତୋରଣ ନିର୍ମାଣ କରାଯାଉଛି। ତୋରଣ ନିର୍ମାଣ ଦାୟିତ୍ୱରେ ବାବୁଲି ଉଦଗାତା ରହିଛନ୍ତି। ଏବର୍ଷ ୧୪ ଫୁଟ ଉଚ୍ଚର ମୂର୍ତ୍ତି ନିର୍ମାଣ ଚାଲିଛି। କେନ୍ଦ୍ରାପଡ଼ା ମୂର୍ତ୍ତି କାରିଗର ପ୍ରଫୁଲ୍ଲ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଶିଳ୍ପୀମାନେ ମୂର୍ତ୍ତି ତିଆରି କାର୍ଯ୍ୟରେ ଲାଗିପଡ଼ିଥିବାବେଳେ ଇତିମଧ୍ୟରେ ଅଧାରୁ ଅଧିକ ସରିଲାଣି। ମୂର୍ତ୍ତିରେ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର କରାଯିବ ନାହିଁ। କେବଳ ପ୍ରାକୃତିକ ରଙ୍ଗରେ ସଜ୍ଜିତ ହେବେ ମା' ଓ ଅନ୍ୟମାନଙ୍କ ମୃଣ୍ମୟ ମୂର୍ତ୍ତି। ପୂଜାମଣ୍ଡପରେ କୌଣସି ପ୍ଲାଷ୍ଟିକ ଜିନିଷ ବ୍ୟବହାର କରାଯିବ ନାହିଁ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପାଖରେ ରୀତିନୀତି ଅନୁଯାୟୀ ପୂଜାପାଠ ହେବ। ଷଷ୍ଠୀରେ ବିଲ୍ୱବରଣୀ ପରେ ସପ୍ତମୀରେ ମା'ଙ୍କର ଚକ୍ଷୁଦାନ, ଅଷ୍ଟମୀରେ ମା'ଙ୍କ ନିକଟରେ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯିବ। ପ୍ରତିଦିନ ମା'ଙ୍କ ପାଖରେ ଚରୁ ଅନ୍ନ ଭୋଗ ଲାଗି ହେବ। ନବମୀରେ ୨୧ଜଣ କୁମାରୀଙ୍କ ପୂଜା ବିଶେଷ ଆକର୍ଷଣ ସାଜିବ। ଅଷ୍ଟମୀ ଓ ନବମୀରେ ଲଡ୍ଡୁ ଭୋଗକୁ ଘରେ ଘରେ ବଣ୍ଟାଯିବ। ସୁରକ୍ଷାକୁ କଡ଼ା କଡ଼ି କରିବାକୁ ପ୍ରଶାସନର ସହଯୋଗ ନିଆଯାଇଛି। ପୂଜା ପାଇଁ କମିଟି ପକ୍ଷରୁ ସେଭଳି କୌଣସି ସ୍ୱତନ୍ତ୍ର ବଜେଟ୍‌ର ବ୍ୟୟବରାଦ ହୋଇନାହିଁ। ଆସୋସିଏଶନର ସଭ୍ୟାସଭ୍ୟା ତଥା ଶ୍ରଦ୍ଧାଳୁଙ୍କ ଆର୍ଥିକ ସହାୟତାରେ ପୂଜା କରାଯିବ।



### ପ୍ଲାଷ୍ଟିକ ସାମଗ୍ରୀ, ରାସାୟନିକ ରଙ୍ଗ ମନା



ସବୁବର୍ଷ ନିଆରା ଢଙ୍ଗରେ ଏଠାରେ ପୂଜାପାଠ କରାଯାଏ। ଏଥର ମଧ୍ୟ ପୂଜା ମଣ୍ଡପରେ କୌଣସି ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର ହେବ ନାହିଁ। ମା'ଙ୍କ ମୂର୍ତ୍ତିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର ନିଷେଧ ହୋଇଛି। ରାଜ୍ୟ ସରକାରଙ୍କ ସମସ୍ତ ନିୟମକୁ ପାଳନ କରାଯାଇ ମଣ୍ଡପରେ ମା'ଙ୍କ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ କରାଯିବ।

**-ଦାମୋଦର ପ୍ରଧାନୀ, ସଭାପତି**

### ଘର ସମ୍ମୁଖରେ ପୂର୍ଣ୍ଣ କଳସ, ଘିଅ ଦୀପ ଜାଳିବାକୁ ନିବେଦନ



ପ୍ରତିବର୍ଷ ପରି ଚଳିତବର୍ଷ ସର୍ବଧର୍ମ ସମନ୍ୱୟକୁ ନେଇ ତୋରଣ ପ୍ରସ୍ତୁତ କରାଯାଉଛି। ପୂଜାମଣ୍ଡପ ଓ ଚତୁଃପାର୍ଶ୍ୱରେ ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ସଫେଇ କରାଯିବା ସହ ବିଶୋଧନ କରାଯିବ। ୫ଦିନ ପର୍ଯ୍ୟନ୍ତ ପ୍ରତି ଘର ସମ୍ମୁଖରେ ଏକ ପୂର୍ଣ୍ଣ କଳସ ବସାଇବା ସହିତ ଘିଅ ଦୀପ ଜାଳିବା ପାଇଁ ଆସୋସିଏଶନ ପକ୍ଷରୁ ସମସ୍ତ ଭକ୍ତଙ୍କୁ ନିବେଦନ କରାଯାଇଛି। କିଭଳି ଶାନ୍ତି ଶୃଙ୍ଖଳାର ସହ ପୂଜା ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ଦିନରାତିରେ ସମସ୍ତ ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯିବା ସହିତ ଶ୍ରୀଜଗନ୍ନାଥଙ୍କ ଫେଣି ଭୋଗ ପ୍ରତ୍ୟେକ ଘରେ ବଣ୍ଟାଯିବ।

**-ସରୋଜକାନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ**



ଷୋଳପୂଜାର ସପ୍ତମ ଦିନ: ମା' କଟକ ଚଣ୍ଡୀଙ୍କ ଜୟଦୁର୍ଗା ବେଶ। | ମା' ଗଡ଼ଚଣ୍ଡୀଙ୍କ ହରଚଣ୍ଡୀ ବେଶ। | ମା' ଝାଞ୍ଜିରୀମଙ୍ଗଳାଙ୍କ କମଳା ବେଶ। | ମା' ବାସନ୍ତୀ ଦୁର୍ଗାଙ୍କ ଉଗ୍ରତାରା ବେଶ। | ପୀଠାପୁରସ୍ଥିତ ମା'ଧାକୁଲେଇଙ୍କ କମଳା ବେଶ। | ମା' ଚର୍ଚ୍ଚିକାଙ୍କ ସପ୍ତମ ଦିନର ବେଶ। | ମା'ଭଟ୍ଟାରିକାଙ୍କ ସିଂହବାହିନୀ ବେଶ। ନୂଆପାଟଣା କଳାପାଟ ଠାକୁରାଣୀଙ୍କ ଜଗଦ୍ଧାତ୍ରୀ ବେଶ।

## ସଂକ୍ଷେପରେ

### ବିଲୁଆ କାମୁଡ଼ାରେ ୩ ବ୍ୟକ୍ତି, ୨ ଗାଈ ଆହତ

ନିଶ୍ଚିନ୍ତକୋଇଲି,୧୨।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଲୁଆଙ୍କ ଉତ୍ପାତରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବିଲୁଆ କାମୁଡାରେ ସ୍ଥାନୀୟ ଅଞ୍ଚଳର ୩ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିଲା ବେଳେ ୨ଟି ଗାଈ ମଧ୍ୟ ବିଲୁଆ କାମୁଡାରେ ଗୁରୁତର ହୋଇ ପଡିଛନ୍ତି। ଜିଗ୍ନିପୁର ପଞ୍ଚାୟତ ବସୁପଦା ଗ୍ରାମର ଝୁନିଲତା ସାହୁ(୪୩), ମିର ସନାଉଲ୍ଲା ରହେମନ ଓ ଫଗୋଳ ପଞ୍ଚାୟତ ପାଇକରାପୁର ଗାଁର ମାନସ କୁମାର ପ୍ରଧାନ ବିଲୁଆ କାମୁଡାରେ ଆହତ ହୋଇଛନ୍ତି। ଏମାନେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ପାଇକରାପୁର ଗାଁର ନରୋତ୍ତମ ସାମଲଙ୍କର ୨ଟି ଗାଈ ମଧ୍ୟ ବିଲୁଆ କାମୁଡାରେ ଅସୁସ୍ଥ ହୋଇପଡିଛନ୍ତି। ବିଲୁଆ ଉତ୍ପାତ ଯୋଗୁ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି।

### କିଡ୍‌ନୀ ରୋଗରେ ୱାର୍ଡସଭ୍ୟଙ୍କ ମୃତ୍ୟୁ

ସାଲେପୁର,୧୨।୧୦(ଅରବିନ୍ଦ ଭୂୟାଁ)



କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ସାଲେପୁର ବ୍ଲକ ନରଦା ପଞ୍ଚାୟତ ୬ନଂ. ୱାର୍ଡର ୱାର୍ଡସଭ୍ୟ ହୃଷୀକେଶ ବାରିକଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ୬୪ବର୍ଷ ବୟସରେ କଟକ ବଡ଼ମେଡ଼ିକାଲରେ ପରଲୋକ ହୋଇଯାଇଛି। ସେ ତୁଣପୁର ହାଇସ୍କୁଲରେ ଚପରାସୀ ଭାବେ ଅବସର ଗ୍ରହଣ କଲାପରେ ୬ନଂ. ୱାର୍ଡର ୱାର୍ଡସଭ୍ୟ ଭାବେ ନିର୍ବାଚିତ ହୋଇ କରି ଆସୁଥିଲେ। ସେ ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ପରଲୋକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ଜେନା, ନରଦା ସରପଞ୍ଚ ଚିରଞ୍ଜନ ସେଠୀ, ନଳିନୀପ୍ରଭା ବେହେରା, ପୂର୍ବତନ ସମିତିସଭ୍ୟା ଦେବକୀ ଜେନା, ସୁରେଶ ବାରିକ, ୱାର୍ଡସଭ୍ୟ ନୃସିଂହ କାଣ୍ଡି, ଅକ୍ଷୟ କାନୁନ୍‌ଗୋ, ତପନ ଜେନାଙ୍କ ସମେତ ନରଦା ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟାସଭ୍ୟ ଶୋକ ପ୍ରକାଶ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଲମ୍ପି ଭାଇରସ୍, ବହୁ ଗୋରୁ ଆକ୍ରାନ୍ତ

ନିଶ୍ଚିନ୍ତକୋଇଲି,୧୨।୧୦
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗତବର୍ଷ ଲମ୍ପି ଭାଇରସ ଯୋଗୁ ବହୁ ଗୋରୁ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥିଲେ। ଏହା ଗୋପାଳକମାନଙ୍କ ନିଦ ହଜାଇ ଦେଇଥିଲା। ବର୍ଷେ ପରେ ପୁଣି ଥରେ ବ୍ଲକ ଅଞ୍ଚଳରେ ଏହି ଭାଇରସ କାୟା ବିସ୍ତାର କରିବାରେ ଲାଗିଛି। ଏଥିଯୋଗୁ ଗୋପାଳକମାନେ ଆତଙ୍କିତ ହୋଇପଡିଛନ୍ତି। ତେବେ ଏହି ରୋଗର

ଲକ୍ଷଣ ଦେଖି ଚିକିତ୍ସା କରୁଛନ୍ତି ଡାକ୍ତର



ଠିକ ଔଷଧ ନ ଥିବାରୁ ଲକ୍ଷଣ ଦେଖି ଚିକିତ୍ସା କରାଯାଉଥିବା ବିଭାଗୀୟ ଡାକ୍ତର ସୂଚନା ଦେଇଛନ୍ତି। ବ୍ଲକର ଫଗୋଳ ପଞ୍ଚାୟତ ପାଇକରାପୁର ଗାଁର ବ୍ରହ୍ମାନନ୍ଦ ମହାରଣା, କୁଞ୍ଜବିହାରୀ ମହାରଣା, କୈଳାସ ମହାରଣା ପ୍ରମୁଖଙ୍କର ଗାଈ ଓ ବାଛୁରୀ ଲମ୍ପି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଏହି ଭାଇରସ ଆରମ୍ଭ ହେବା ମାତ୍ରେ ଗୋରୁମାନଙ୍କୁ ପ୍ରବଳ ମାତ୍ରାରେ ଜ୍ୱର ହେଉଛି। ନାକ ଓ ପାଟିରୁ ମୋଟା ଆକାରରେ ଲାଳ ବାହାରୁଛି। ଗୋରୁଙ୍କ ତଣ୍ଟିକୁ ଫୁଲାଇ ଦେଉଛି। ଫଳରେ ଗୋରୁ କୌଣସି ଖାଦ୍ୟ ଖାଇ ପାରୁନାହାନ୍ତି। ଅଚେତ ହୋଇ ପଡ଼ି ରହୁଛନ୍ତି। ଏହି ସମୟରେ ଗୋରୁଙ୍କ ଦେହରେ ବଡ ବଡ ଆବୁ ହୋଇ ଘା ସୃଷ୍ଟି ହେଉଛି। ଏପରିକି ପଚା ଦୁର୍ଗନ୍ଧ ମଧ୍ୟ ବାହାରୁଛି। ଏହି ଭାଇରସ ଯୋଗୁ ଗୋପାଳକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସକ ପ୍ରକାଶ କୁମାର ବେଉରାଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ସ୍ୱୀକାର କରିବା ସହ ବିଭାଗ ପକ୍ଷରୁ ଏହାର ପ୍ରତିକାର ନିମନ୍ତେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଭ୍ୟାକସିନ ବ୍ୟବସ୍ଥା କରାଯାଇଛି। ଏହି ଭାଇରସ ପ୍ରଶାସନର ନିୟନ୍ତ୍ରଣାଧୀନ ରହିଛି ବୋଲି ସେ କହିଛନ୍ତି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,୧୨।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଙ୍କୀରେ ପହଞ୍ଚିଥିବା ସାଇବର ସୁରକ୍ଷା ରଥକୁ କଲେଜ ପକ୍ଷରୁ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜକିଶୋର ପାଲ୍, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ନାରାୟଣ ଦେଓ, କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି, କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ସମେତ କଲେଜର ଏନ୍‌ସିସି କ୍ୟାଡେଟ୍‌ମାନେ ସ୍ୱାଗତ ଜଣାଇଥିଲେ। ପରେ ବାଙ୍କୀ ଥାନାର ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକଙ୍କ ସଭାପତିତ୍ୱରେ କଲେଜର ଦୃଶ୍ୟଶ୍ରାବ ଗୃହରେ ସାଇବର ସୁରକ୍ଷା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ



ବାଙ୍କୀ କଲେଜ ପରିସରରେ ସାଇବର ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ହୋଇଥିଲା। ମୁଖ୍ୟ ଅତିଥିଭାବେ ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ଯୋଗଦେଇ ସାଇବର ସୁରକ୍ଷା ସମ୍ବନ୍ଧରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ନାରାୟଣ ଦେଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲିସ୍ ଏସ୍ଆଇ. କେ.ସି ଦାସ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସାଇବର ରଥରେ ଆସିଥିବା କଳାକାରମାନେ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହ ଏକ ଡକୁମେଣ୍ଟାରୀ ଫିଲ୍ମ ପରିବେଷଣ କରିଥିଲେ। ପରେ ପୋଲିସ୍ ପ୍ରଶାସନ ତରଫରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ ପୋଲିସର କର୍ମଚାରୀ, ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡରେ ବୁଣାକାରଙ୍କ ବାସଗୃହ ଜଳିଗଲା

ବଡ଼ମ୍ବା,୧୨।୧୦ (ମାୟାଧର ମଲ୍ଲିକ)

ମାଣିଆବନ୍ଧ ଥାନା ଅନ୍ତର୍ଗତ ସନ୍ତରାବାଲୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦିଜବର ଜେନାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ତାଙ୍କ ବାସଗୃହ ସମେତ ସମସ୍ତ ଆସବାବପତ୍ର ଜଳିଯାଇଛି। ସେ ତନ୍ତ ଯୋଗେ ଲୁଗା ବୁଣି ପରିବାର ଚଳାଉଥିଲେ। ଅଗ୍ନିକାଣ୍ଡରେ ତାଙ୍କ ଘରର ତନ୍ତ ଲୁଗା, ତନ୍ତ ସାମଗ୍ରୀ, କଂସା, ବାସନ ଓ ଅଳଙ୍କାର ସମେତ ଚାଉଳ , ଧାନ, ବିରି ଆଦି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ବଡ଼ମ୍ବା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ ସୁଦ୍ଧା ସେତେବେଳକୁ



ସବୁ ଜଳିଯାଇଥିଲା। ପଞ୍ଚାୟତ ସରପଞ୍ଚ ମିତା ଜେନାଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ଘଟଣା ସମ୍ପର୍କରେ ବଡ଼ମ୍ବା ତହସିଲଦାରଙ୍କୁ ଜଣାଇଥିଲେ। ଏହାପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ମାଣିଆବନ୍ଧ ରାଜସ୍ୱ ନିରୀକ୍ଷକ ରାକେଶ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଥିଲେ। ପ୍ରାଥମିକ ଆକଳନ ଅନୁଯାୟୀ, ୫ ଲକ୍ଷ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ରାଜସ୍ୱ ନିରୀକ୍ଷକ କହିଛନ୍ତି। ଏହାପରେ ପ୍ରଶାସନ ତରଫରୁ ବିପନ୍ନ ପରିବାରକୁ ପଲଥିନ ଯୋଗାଇ ଦିଆଯାଇଛି। କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ଜେନାଙ୍କ ତରଫରୁ ପ୍ରଶାସନ ନିକଟରେ ଦାବି ହୋଇଛି।

# ଥାନା ସମ୍ମୁଖ ଘରୁ ସ୍ୱର୍ଣ୍ଣ ଅଳଙ୍କାର, ଟଙ୍କା ଚୋରି

ନିଶ୍ଚିନ୍ତକୋଇଲି,୧୨।୧୦
(ଅଶୋକ କୁମାର ମହାପାତ୍ର)

ଥାନା ସମ୍ମୁଖରେ ଥିବା ଏକ ଦୁଇମହଲା କୋଠାଘର ତଳେ ପୋଲିସ ଅଧିକାରୀ ଭଡାରେ ରହୁଥିବା ବେଳେ ଉପର ମହଲାରୁ ଦୁର୍ବୃତ୍ତମାନେ ଆଲ୍‌ମିରା ଲକର ଭାଙ୍ଗି ଲକ୍ଷାଧିକ ଟଙ୍କା ନେଇଯାଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ଅଲେଖ ବେହେରାଙ୍କ ଘର ପଶି ଆଲ୍‌ମିରା ଲକର ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ୧୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଛନ୍ତି। ତାଙ୍କର ପୁତ୍ର ଜ୍ୟୋତିରଞ୍ଜନ ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୮୨/୨୦୨୩)ମାମଲା ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମର ଅଲେଖ ବେହେରା ତାଳଚେରରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ପୁଅ ଭୁବନେଶ୍ୱରସ୍ଥିତଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ। ସେ

### ତଳ ଘରେ ପୋଲିସ ଅଧିକାରୀ ଭଡ଼ାରେ ରୁହନ୍ତି

ସପରିବାରେ ଭୁବନେଶ୍ୱରରେ ରୁହନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବୁଧବାର ବିଳମ୍ବିତ ରାତିରେ ଅଲେଖଙ୍କ ଘରେ ପଶି ଆଲମିରା ତାଡ଼ି ଲକର ଭାଙ୍ଗି ଦେଇଥିଲେ। ଏଥିସହ ସେଥିରେ ଥିବା ନଗଦ ୧୦ ହଜାର ଟଙ୍କା ୨ଟି ସୁନା କାନଫୁଲ, ୪ଟା ମୁଦି ଓ ଗୋଟିଏ ସୁନାଚେନା ନେଇଯାଇଛନ୍ତି। ଖବରପାଇ ଅଲେଖଙ୍କ ପରିବାର ଲୋକେ ଭୁବନେଶ୍ୱରରୁ ଆସି ଗାଁରେ ପହଞ୍ଚିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେଲା ବେଳେ ପୋଲିସ କାହାରିକୁ ଗିରଫ କରି ନ ଥିଲା। ସେହିଭଳି ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିଶ୍ଚିନ୍ତକୋଇଲି ଥାନା କଟରପଡା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ ଗ୍ରାମର ବିପିନ ବିହାରୀ ନାୟକଙ୍କ ଗୁହାଳରେ ପଶି ୧୦ଟି ଛେଳିକୁ ଉଠାଇନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଛେଳିଗୁଡ଼ିକୁ ଏକ କଳା କାର୍‌ରେ ନେଇ ପଳାଇଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ୨ଗିରଫ

ଟିଗିରିଆ,୧୨।୧୦(ଜାଫର ଖାଁ )

ପାର୍ବଣରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଟିଗିରିଆ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉରେ ୨୦ ଲିଟର ଦେଶୀ ମଦ ଜବତ ସହିତ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି। ଟିଗିରିଆ ଥାନାର ଅଞ୍ଚଳକୋଟରେ ଅବକାରୀ ଉପ ଅଧୀକ୍ଷକ ପ୍ରମୋଦ କୁମାର ପଣ୍ଡା ଓ ଟିଗିରିଆ ଥାନା ଏସ୍ଆଇ ଲକ୍ଷ୍ମୀଧର ବେହେରା, ଅବକାରୀ ଏସ୍ଆଇ ସୌମ୍ୟରଞ୍ଜନ ମାଝି ଟିଗିରିଆ ପୋଲିସ କର୍ମଚାରୀଙ୍କ ସହାୟତାରେ ଚଢ଼ାଉ କରିଥିଲା। ମଲ୍ଲୀ ପ୍ରଧାନ (୩୫) ଓ ଇନ୍ଦ୍ରମଣି ରାଉତ (୬୪) ଠାରୁ ପୋଲିସ ୨୦ ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ପୋଲିସ ନଂ. ୨୦୭,୨୦୮/୨୩ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

### ଭାଜପାର ବରିଷ୍ଠ ନେତା ସୀତାକାନ୍ତ ମିଶ୍ରଙ୍କ ପରଲୋକ

ବାଙ୍କୀ,୧୨।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀର ବରିଷ୍ଠ ଭାଜପା ନେତା ସୀତାକାନ୍ତ ମିଶ୍ର(୬୭)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଦୀର୍ଘ ୨ବର୍ଷ ହେବ ଝିଅ ପାଖରେ ରହି ଚିକିତ୍ସାଧୀନ ଥିଲେ। ତାଙ୍କ ମୃତଦେହ ବାଙ୍କୀ ଅଣାଯିବା ପରେ ଭାଜପାର ବରିଷ୍ଠ କାର୍ଯ୍ୟ କର୍ତ୍ତାଙ୍କ ସମେତ ପୂର୍ବତନ ଭାଜପା ବିଧାୟକ ପାର୍ଥୀ ଅଜୟ କୁମାର ସ୍ୱାଇଁ ଓ ସିଦ୍ଧେଶ୍ୱର ପାଇକରାୟ ଶେଷ ଦର୍ଶନ କରିଥିଲେ। ବାଙ୍କୀ କ୍ରୀଡା ସଂସଦ ପକ୍ଷରୁ ସମ୍ପାଦକ ସନ୍ତୋଷ କୁମାର ରଣା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୀତାକାନ୍ତ ବାଙ୍କୀ ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ସଭାପତି, ବାଙ୍କୀ ମହୋତ୍ସବର ଉପସଭାପତି, ବାଙ୍କୀ କ୍ରୀଡା ସଂସଦର ସଦସ୍ୟ, ବସୁନ୍ଧା ଟ୍ରଷ୍ଟର ରଗଡି ଗୋ-ଶାଳାର ସଦସ୍ୟଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ରାମ ମନୋହର ଲୋହିଆଙ୍କ ଶ୍ରାଦ୍ଧଦିବସ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଆଠଗଡ,୧୨।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡସ୍ଥିତ ବିଜେଡି କାର୍ଯ୍ୟାଳୟ ସୂର୍ଯ୍ୟ ଭବନରେ ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରବକ୍ତା ରାମ ମନୋହର ଲୋହିଆଙ୍କ ୫୬ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସାମାଜିକ ନ୍ୟାୟ ଓ ସମତା ଭିତିକ ସମାଜ ଗଠନ ରେ ଲୋହିଆଙ୍କ ନୀତି ଓ ବିଚାରଧାରାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଳର ବ୍ଲକ ସଭାପତି ରବୀନ୍ଦ୍ର ନାଥ ରାଉତ, ଆଠଗଡ ନଗର ସଭାପତି ଶିଶିର ପ୍ରସାଦ ମାନସିଂ, ସୁଧୀର କୁମାର ମନ୍ତ୍ରୀ,କାଶୀନାଥ ବେହେରା, ସନ୍ତୋଷ ଦାସ, ଲିଙ୍ଗରାଜ ଜେନା, ଦୁଷ୍ମନ୍ତ ନାୟକ, ନିରାକାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

# ସାପ କାମୁଡ଼ାରେ ପ୍ରଥମ ଶ୍ରେଣୀ ଛାତ୍ର ମୃତ

ବଡମ୍ବା,୧୨।୧୦(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଗଡ଼ା ପୋଖରୀ ପଞ୍ଚାୟତସ୍ଥିତ ଚମ୍ପେଇଦ୍ୱାର ଗ୍ରାମରେ ବୁଧବାର ରାତିରେ ସାପ କାମୁଡ଼ାରେ ଗ୍ରାମର ସର୍ବେଶ୍ୱର ନାଏକଙ୍କ ପୁଅ ଆୟୁଷ (୬)ଙ୍କ ମୃତ୍ୟୁ ଘଟିଛି। ସେ ପ୍ରଥମ ଶ୍ରେଣୀର ଛାତ୍ର ଥିଲେ। ରାତିରେ ସେ ଖାଇସାରି ଘରେ ଶୋଇଯାଇଥିଲାବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁବାର ସକାଳୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ସେଠାରେ ଡାକ୍ତର ଆୟୁଷଙ୍କୁ ମୃତ ଘୋଷଣା କରିଥିଲେ।

# ୧୭ରେ ବାଙ୍କୀ କଂଗ୍ରେସ ପକ୍ଷରୁ ଧାରଣା

### ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

ବାଙ୍କୀ,୧୨।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ସମସ୍ୟାର ସମାଧାନ ଓ ଅବ୍ୟବସ୍ଥାର ପ୍ରତିକାର ଦାବି କରି ବାଙ୍କୀ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଆସନ୍ତା ୧୭ତାରିଖରେ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏ ନେଇ ଗୁରୁବାର ବାଙ୍କୀ କଂଗ୍ରେସ କାର୍ଯ୍ୟାଳୟଠାରେ ଧାରଣାର ସଫଳତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ବାଙ୍କୀ ଉପଖଣ୍ଡର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡିବା ପାଇଁ ଜନସାଧାରଣ ସ୍ୱତପ୍ରବୃତ୍ତ ଭାବେ ଏଥିରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ। ଉପଖଣ୍ଡ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତୃମଣ୍ଡଳୀ ଓ ଅନ୍ୟମାନେ।

ଚିକିତ୍ସାଳୟରେ ଅବ୍ୟବସ୍ଥା ଯୋଗୁ ରୋଗୀମାନେ ବାଙ୍କୀ ବାହାରେ ଚିକିତ୍ସିତ ହେବାକୁ ଯାଉଛନ୍ତି। ଏଠାରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ନ ଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେଇଛି। ଜଣେ ସ୍ଥାୟୀ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ମୁଖ୍ୟଦାବି ରହିବ ବୋଲି ସେ କହିଥିଲେ। ବୈଠକରେ ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର, ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ ଚନ୍ଦ୍ର ସାହୁ, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ ବରଣ ପଟ୍ଟନାୟକ, ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ମହାପାତ୍ର, ଭବାନୀ ପ୍ରସାଦ ଧଳସାମନ୍ତ, ଅମୀୟ କୁମାର ନାୟକ, ନୀଳମଣି ମହାପାତ୍ର, ରମାକାନ୍ତ ସେଠୀ, ଯୁବକଂଗ୍ରେସ ସଭାପତି ରାକେଶ ବେହେରା, ବାବୁଲି ଦଳେଇ, ନୁକଳ ପ୍ରଧାନ, ରମେଶ ସେନାପତି, ରଘୁନାଥ ସ୍ୱାଇଁ, ଭଗବାନ ପ୍ରଧାନ, ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଆବେଦନର ୭ବର୍ଷ ପରେ ବି ମିଳିଲାନି ଭତ୍ତା

ନିଶ୍ଚିନ୍ତକୋଇଲି,୧୨।୧୦
(ଅଶୋକ କୁମାର ମହାପାତ୍ର)

ସରକାର ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳ ଗରିବଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ନିଶ୍ଚିନ୍ତକୋଇଲି ବ୍ଲକରେ ସାମାଜିକ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ବହୁ ବୃଦ୍ଧାବୃଦ୍ଧ, ମହିଳା ଓ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଥିଲେ ହେଁ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ବହୁ ଅଯୋଗ୍ୟ ହିତାଧିକାରୀ ସମ୍ପୃକ୍ତ ଅଧିକାରୀଙ୍କୁ ହାତ କରି ଭତ୍ତା ହାତେଇଥିବା ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ତେନ୍ତଲପୁର ଗାଁର ଜଣେ ବିଧବା ମହିଳା ଆବେଦନର ୭ବର୍ଷ ପରେ ମଧ୍ୟ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ତେନ୍ତଲପୁର ଗାଁର ଦୁର୍ଯ୍ୟୋଧନ ଦୀର୍ଘ ୭ ବର୍ଷ ହେଲା ମୃତ୍ୟୁବରଣ କଲେଣି। ଦୁର୍ଯ୍ୟୋଧନ ଜଣେ ଭୂମିହୀନ ହୋଇଥିଲା ବେଳେ ତାଙ୍କର କୌଣସି ପୁଅ ନାହାନ୍ତି। ଘରେ ତାଙ୍କର ବିଧବା ସ୍ତ୍ରୀ ରଶ୍ମିତା ନାୟକ(୫୨) ରହିଛନ୍ତି। ରଶ୍ମିତା ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇଥିଲା ବେଳେ ଔଷଧ ଖାଇବା ନିମନ୍ତେ ତାଙ୍କ ପାଖରେ ଟଙ୍କା ନ ଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ରଶ୍ମିତା ବିଧବା ଭତ୍ତା ପାଇବା ନିମନ୍ତେ ସ୍ଥାନୀୟ ନେତାଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ବାରମ୍ବାର ହୋଇଥିଲେ। ତାଙ୍କ ପ୍ରତି କାହାରି ନିଘା



ରଶ୍ମିତା ନାୟକ

ନାହିଁ। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ଗ୍ରାମର ଜୟରାମ ମହାପାତ୍ର ବାରମ୍ବାର ଭତ୍ତା ଆବେଦନ କରିଥିଲେ ହେଁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଏଥିରୁ ବାଦ ଦିଆଯାଇଥିବା ଅଭିଯୋଗ ହେଉଛି। ନେତା ଠୁ ଅଫିସର ସମସ୍ତଙ୍କୁ ଗୁହାରୀ ପରେ ବି ତାଙ୍କୁ ଭତ୍ତା ମିଳୁ ନ ଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଭତ୍ତା ହାତେଇଥିବା ନଜିର ଥିଲା ବେଳେ ରଶ୍ମିତା ପରି ଜଣେ ନିରାଶ୍ରୟା ବିଧବା ଭତ୍ତା ପାଇବାରୁ ବଞ୍ଚିତ ହେବା ଘଟଣାଟି ପ୍ରଶାସନର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ରଶ୍ମିତାକୁ ବିଧବା ଭତ୍ତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବାଲିଆପଦା ସରପଞ୍ଚ ଜୟନ୍ତୀ ଜେନାଙ୍କୁ ପଚାରିବାରେ ସମ୍ପୃକ୍ତା ମହିଳା ଭତ୍ତା ପାଇବା ପାଇଁ ହକଦାର ଥିଲେ ମଧ୍ୟ ତାଙ୍କ ସ୍ୱାମୀଙ୍କ କୌଣସି ମୃତ୍ୟୁ ଜନିତ ପ୍ରମାଣପତ୍ର ନ ଥିବା କାରଣରୁ ଭତ୍ତା ଦିଆଯାଇ ପାରୁ ନ ଥିବା ମତବ୍ୟକ୍ତ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ୩ ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍



ନିରାକାରପୁର,୧୨।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମା' ଉଗ୍ରତାରାଙ୍କ ଫାଟକ ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗ୍ୟାରେଜ ପାଖରେ ଥିବା ୩ଟି ବାଇକ୍ ଉପରେ ଟ୍ରକ୍ ମାଡ଼ିଯିବାରୁ ଗାଡ଼ିଗୁଡ଼ିକ ଭାଙ୍ଗି ଚୂରମାର ହୋଇଯାଇଛି। ସେଠାରେ ଥିବା ଉଠା ବ୍ୟବସାୟୀମାନେ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଏକ ଟ୍ରକ୍ ଦ୍ରୁତଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଗ୍ୟାରେଜ ପାଖରେ ଥିବା ୩ଟି ବାଇକ୍ ଉପରେ ମାଡ଼ିଯାଇଥିଲା। ଖବରପାଇ ଭୂଷଣ୍ଡପୁର ଫାଣ୍ଡି ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ନେଇ ପଚରାଉଚରା ଚଳାଇଛି।

### ରାସ୍ତା ପ୍ରଶସ୍ତୀକରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଜଟଣୀ,୧୨।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଗେଟ୍ ତଳଖେତା ଛକଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ରାଜ୍ୟ ସଡ଼କ ସୁରକ୍ଷା ପରିଷଦର ସଦସ୍ୟ ସୁବ୍ରତ କୁମାର ନନ୍ଦ ଗୁରୁବାର ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ସଡ଼କ ସୁରକ୍ଷା କମିଟି ବୈଠକ ପୂର୍ବରୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ରର ନକଲ ଜିଲା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି। ସହରର ଜନସଂଖ୍ୟା ଓ ଯାନବାହାନ ସଂଖ୍ୟା ବଢୁଥିବା ବେଳେ ୫୦ବର୍ଷ ପୂର୍ବେ ରାସ୍ତା ଯାହାଥିଲା ସେଥିରେ ପରିବର୍ତ୍ତନ କରାଯାଉ ନାହିଁ। ଫଳରେ ସାଧାରଣଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଭିଡ଼ରେ ଫସି ରହୁଥିବା ନଜିର ରହିଛି। ଏପରିକି ଛୋଟବଡ଼ ଦୁର୍ଘଟଣା ଘଟୁଛି। ସାଧାରଣଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ ତୁରନ୍ତ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି।

### ମଦ, ବାଇକ୍ ଜବତ: ୩ ଗିରଫ

ବେଗୁନିଆ,୧୨।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭୯ ଲିଟର ଦେଶୀ ମଦ ସହିତ ଗୋଟିଏ ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅଧୀନ ମୁଗମଣ୍ଡା ଆଦିବାସୀ ସାହିର ବେଣୁ ନାୟକ, ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମର ଶୈଳେଶ ଚମ୍ପତି ଏବଂ ବିଭୁ ବଳିୟାର ସିଂହ। ସୂଚନା ଅନୁସାରେ, ମୁଗମଣ୍ଡା ରାସ୍ତାପାର୍ଶ୍ୱରେ ବେଣୁ ଦେଶୀ ରନ୍ଧା ମଦ ଧରି ବିକୁଥିବା ବେଳେ ଧରାପଡିଥିଲେ। ସେହିପରି ଶୈଳେଶ ଏବଂ ବିଭୁ ଦେଶୀ ମଦ ବିକିବା ପାଇଁ ବାଇକରେ ଯାଉଥିବା ବେଳେ ଧରାପଡିଥିଲେ। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜାଗିନ ରାଓ, ବିରଞ୍ଚି ମହାନ୍ତି, ରଞ୍ଜନ ଦାସ, ବିକାଶ ରାଉତ, ମନୋଜ ଜୟସିଂହ, ଚିନ୍ମୟୀ ସେଠୀ ଚଢ଼ାଉରେ ସାମିଲ ହୋଇଥିଲେ।

# ବିକାଶ ଅପେକ୍ଷାରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା

ଖୋର୍ଦ୍ଧା,୧୨।୧୦(ପ୍ରଭାତ ପାଣିଗ୍ରାହୀ)



- ୧୫୭୫ରେ ହୋଇଥିଲା ନବକଳେବର
- ୨୦୧୪ରେ ପ୍ରତିଷ୍ଠା ହୋଇଥିଲା ଚତୁର୍ଦ୍ଧାବିଗ୍ରହ

ଖୋର୍ଦ୍ଧା-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକଠାରୁ ୨ଶହ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଗଡ଼ଖୋର୍ଦ୍ଧାଠାରେ ମହାପ୍ରଭୁ ୩ଥର ପଦାର୍ପଣ କରିଛନ୍ତି। ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ମନ୍ଦିରକୁ ପରବର୍ତ୍ତୀ ସମୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ପୁନଃ ନିର୍ମାଣ କରାଯାଇଥିଲା। ଏହି ମନ୍ଦିର ଏବେବି ଅବହେଳିତ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର ଓ ବିକାଶ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

ଖୋର୍ଦ୍ଧା ରାଜବଂଶ ଖୋର୍ଦ୍ଧା ଦୁର୍ଗ ପରିସରରେ କୁଞ୍ଜବିହାରୀ ମନ୍ଦିର, ଗୋପାଳ ମନ୍ଦିର, ରାଧାକାନ୍ତ ମନ୍ଦିର, ରଘୁନାଥ ମନ୍ଦିର, ବୃନ୍ଦାବନ ଚନ୍ଦ୍ର ମନ୍ଦିର(ଓଡ଼ିଆ ମଠ), ଗୋବିନ୍ଦଜୀଉ ମଠ, କପିଳେଶ୍ୱର ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର ସ୍ଥାପନ କରିଥିଲେ। ୧୫୬୮ରୁ ୧୮୦୪ ପ୍ରାୟ ୨୩୫ବର୍ଷ ମଧ୍ୟରେ ଖୋର୍ଦ୍ଧା ରାଜ୍ୟରେ ୬୭୯ ଦେବ ଓ ୪୬୧ ଦେବୀ ମନ୍ଦିର ୫୮୭ଟି ଭଗବତୀ ମନ୍ଦିର ନିର୍ମାଣ କରିଥିବା ଗବେଷକଙ୍କ ମତ ରହିଛି। ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ.୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ.୧୫୭୫ରେ କୁଜଙ୍ଗଗଡରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡଖୋର୍ଦ୍ଧା ସ୍ଥିତ ମନ୍ଦିରରେ ନବକଳେବର କରାଇ କଳାପାହାଡ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏଥିଲାଗି ଗଜପତି ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ଶ୍ରୀମନ୍ଦିର ସେବାୟତ, ୧୬ଶାସନ ବ୍ରାହ୍ମଣଙ୍କ ଦ୍ୱାରା ଭୂଷିତ ହୋଇଥିଲେ ବୋଲି ଐତିହାସିକ କେଦାର ନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ଏହି ସମୟରେ ଗଜପତି ରାମଚନ୍ଦ୍ର ଦେବ ଖୋର୍ଦ୍ଧା ଦୁର୍ଗକୁ ଶ୍ରୀଜଗନ୍ନାଥପୁର-କଟକ ଭାବେ ନାମକରଣ କରିଥିଲେ। କୁଞ୍ଜବିହାରୀ ମନ୍ଦିରରେ ବାରବାଟୀ ଦୁର୍ଗରୁ କାଞ୍ଚି ବିଜୟର ସ୍ମାରକୀ ଶ୍ରୀସାକ୍ଷୀଗୋପାଳ ବିଗ୍ରହ ଖ୍ରୀ.୧୬୧୫ ପର୍ଯ୍ୟନ୍ତ ପ୍ରାୟ ୪୭ବର୍ଷ ଧରି ଏଠାରେ ପୂଜିତ ହେଉଥିଲେ। ବର୍ତ୍ତମାନ ସତ୍ୟବାଦୀରେ ସାକ୍ଷୀଗୋପାଳ ଭାବେ ପୂଜା ପାଉଛନ୍ତି। ପୁନଶ୍ଚ ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଖ୍ରୀ.୧୬୦୭ରେ ମୋଗଲଙ୍କ ଆକ୍ରମଣ ଯୋଗୁ ଶ୍ରୀଜଗନ୍ନାଥ ଏହି ମନ୍ଦିରରେ ୩ମାସ ୪ଦିନ ଅବସ୍ଥାନ କରିଥିଲେ। ଏଠାରେ ଗୁପ୍ତଭାବେ ପୂଜା ପାଉଥିଲେ। ମାଦଳା ପାଞ୍ଜିରେ ଏହି ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସେବକ ପରମେଶ୍ୱରଙ୍କୁ ନେଇ ଖୁରୁଧାରେ ଗୋପାଳ ଦେଉଳେ ବିଜେ କରାଇଲେ। ଏଣୁ ଏହି ଗୋପାଳ ମନ୍ଦିର ସମଗ୍ର ହିନ୍ଦୁ ସମାଜ ପାଇଁ ପରମପାବନ ତୀର୍ଥକ୍ଷେତ୍ର। ଭକ୍ତ ସାଲବେଗ ଏଠାରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ ବୋଲି ଐତିହ୍ୟ ବିଷାରଦ ଡ.ସୁରେନ୍ଦ୍ର ମିଶ୍ର ମତ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ସମୟରେ ତକି ଖାଁ ଖୋର୍ଦ୍ଧା ଆକ୍ରମଣ ସମୟରେ ଗଜପତି ଓ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାବିଗ୍ରହ ବୋଲଗଡରେ ଅବସ୍ଥାନ କରିଥିଲେ। ସେଠାରୁ ପୁନଶ୍ଚ ପୁରୀ ଶ୍ରୀମନ୍ଦିରକୁ ପତ୍ୟାବର୍ତ୍ତନ କରିବା ସମୟରେ ଏହି ଗୋପାଳ ମନ୍ଦିରରେ ଅବସ୍ଥାନ କରିଥିଲେ। ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ ଏବଂ ବୋଲଗଡର ଇତିହାସ ଲେଖକ ରବୀନ୍ଦ୍ର କୁମାର ପରିଡାଙ୍କ ପୁସ୍ତକରେ ଉଲ୍ଲେଖ ରହିଛି। ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ହିଷ୍ଟ୍ରି ଅଫ ଓଡ଼ିଶା ଏବଂ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉପନ୍ୟାସ ନୀଳଶୈଳରେ ଉଲ୍ଲେଖ ରହିଥିବା ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି। ଏଠାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ଢାଞ୍ଚାରେ ହୋଇଥାଏ। ମନ୍ଦିର ପରିଚାଳନା ଲାଗି ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ରୀତିନୀତି ପ୍ରକାରେ ସମସ୍ତ ଦୈନନ୍ଦିନ ନୀତିକାନ୍ତି କରାଯାଉଛି। ମନ୍ଦିର ପରିସରରେ କାଶୀଲୋକନାଥ ମନ୍ଦିର ଏବଂ ପରବର୍ତ୍ତୀ ସମୟରେ ମାତା ଲକ୍ଷ୍ମୀ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ମନ୍ଦିରରେ ଅକ୍ଷୟ ମହାପାତ୍ର, ଅରୁପା ମହାପାତ୍ର ବର୍ଷବ୍ୟାପୀ ସମସ୍ତ ନୀତିକାନ୍ତି ସେବାପୂଜା କରି ଆସୁଛନ୍ତି। ଗତ ୨ବର୍ଷ ହେବ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରାଯାଉଛି। ବେଷକ ଦାସ କୁହନ୍ତି, ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ଜାଣିବା ପରେ ୨୦୦୭ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର ଏହି ସ୍ଥାନ ପରିଦର୍ଶନରେ ଆସିଥିଲେ। ଡାକ ବଙ୍ଗଳାରେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ ଲୀଳାକ୍ଷେତ୍ରରେ ଚତୁର୍ଦ୍ଧାବିଗ୍ରହ ପ୍ରତିଷ୍ଠା ଲାଗି ସ୍ଥିର ହୋଇଥିଲା। ୨୦୧୪ ଜୁନ ୨୭, ୨୮ ଓ ୨୯ ତାରିଖରେ ତିନିଦିନ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହି ସମୟରେ ଏହି ପ୍ରତିଷ୍ଠା ଉତ୍ସବରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭାପତି ଭୀମସେନ ମିଶ୍ର, ସମ୍ପାଦକ ରବି ନାରାୟଣ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଘରେ ପଶି ଆକ୍ରମଣ ଘଟଣା: ୫୬ ଛେଳିରୁ ୬ ନିଖୋଜ

**ଛେଳି ଚୋରି ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ**

ବୋଲଗଡ଼,୧୨।୧୦(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ଆରିକିମା ଗ୍ରାମରେ ବୁଧବାର ରାତି ୯ଟାରେ କେତେଜଣ ଦୁର୍ବୃତ୍ତ ପବିତ୍ର ବାରିକ(୬୦)ଙ୍କ ଘରେ ପଶି ତାଙ୍କ ବେକକୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହିତ ସ୍ତ୍ରୀ ଲତା ବାରିକ (୫୫), ବଡ଼ବୋହୂ ରେଖା ବାରିକ(୨୮), ସାନବୋହୂ କଲ୍ୟାଣୀ ବାରିକ(୨୦), ପଡ଼ୋଶୀ ପ୍ରତିମା ପଲେଇ(୩୫) ଓ ଦେବାଶିଷ ସାହୁ (୨୫)ଙ୍କୁ ଆକ୍ରମଣ କରିଥିଲେ। ଏମାନେ ରାତିରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ଗୁରୁବାର ପବିତ୍ରଙ୍କ ସାନବୋହୂ କଲ୍ୟାଣୀଙ୍କ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଏକ ମାମଲା (ନଂ.୨୫୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ ଦାସ ଓ ବୋଲଗଡ଼ ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ପରେ ଦୁର୍ବୃତ୍ତମାନେ ପବିତ୍ରଙ୍କ ଘରେ ଥିବା ୫୬ଟି ଛେଳିଙ୍କୁ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରିଥିଲେ। ତେବେ ୬ଟି ଛେଳି ନିଖୋଜ ଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପଣ୍ଡା କହିଛନ୍ତି।

# 'ପ୍ରତିଯୋଗିତା ପ୍ରତିଭା ବିକାଶର ଅନ୍ତୁଡ଼ିଶାଳ'



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଜଟଣୀ,୧୨।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ କୁସୁମାଟି କ୍ଲଷ୍ଟର ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଏବଂ ମିଲେଟ୍ସ ପ୍ରତିଯୋଗିତା ଗଙ୍ଗପଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ଶିକ୍ଷୟିତ୍ରୀ ରଶ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ନୀଳାମ୍ବର ତ୍ରିପାଠୀ, ଦେବରାଜ ପ୍ରଧାନ, ସୌମ୍ୟରଞ୍ଜନ ମହାରଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ବିକଶିତ କରିବା ପ୍ରତିଯୋଗିତା ଉତ୍ତମ ମାଧ୍ୟମ। କୌଣସି ପ୍ରତିଯୋଗିତା ପ୍ରତିଭା ବିକାଶର ଅନ୍ତୁଡ଼ିଶାଳ ବୋଲି ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ୨୭ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭିକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପଟେ ସରକାରୀ ଉଚ୍ଚ ବିଦ୍ୟାଳୟର ୮ଜଣ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଙ୍ଗପଡ଼ାର ୮ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ବ୍ଲକସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ସ୍ତରରେ ଜଟଣୀ ମହାବିଦ୍ୟାଳୟର ୬ଜଣ ଛାତ୍ରୀ ବ୍ଲକସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷକ ଅଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଜଟଣୀ,୧୨।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କେଦାରନାଥ ରାୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ରାଜାବଜାର ଓ ଉପରବସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଜବାହାରଲାଲ ସୁବୁଦ୍ଧି, ସମ୍ମାନିତ ଅତିଥିଭାବେ ଏବିଇଓ ବିଭୂତି ଭୂଷଣ ଜେନା, ପୂର୍ବତନ ସିଆରସିସି ରଶ୍ମିତା ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁଇଜ୍, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲ। ଉକ୍ତ କାର୍ଯ୍ୟକ୍ରମରେ ଦୁଇଟି କ୍ଲଷ୍ଟରର ପ୍ରତିଯୋଗୀଙ୍କ ସହିତ ୪୦ ଜଣ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଗୁଲୁ ଦେଈ ଓ ମୌସୁମୀବାଳା ଦଳବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଞ୍ଜରୀ ସାହୁ ଧନ୍ୟବାଦ ଦେଇଥିଲେ।

## ୧୨ ବାଇକ୍ ଜବତ, ଯୁବକ ଗିରଫ



ଖୋର୍ଦ୍ଧା,୧୨।୧୦(ପ୍ରଭାତ ପାଣିଗ୍ରାହୀ)

ଦୀର୍ଘଦିନ ଧରି ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳରେ ବାରମ୍ବାର ବାଇକ୍ ଚୋରିକୁ ନେଇ ଟାଉନ ଥାନା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିଲା। ତେବେ ବାଇକ୍ ଚୋରିରେ ସମ୍ପୃକ୍ତି ନେଇ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କଣାସ ଥାନା ହଳଦିପଦାର ରୁଟୁ ରଞ୍ଜନ ବେହେରା ଓରଫ ଗୁଡୁ(୩୨)। ତାଙ୍କ ନିକଟରୁ ୧୨ଟି ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଜଟଣୀ ବଡ଼ତୋଟା ଅଞ୍ଚଳର ପ୍ରଶାନ୍ତ ପ୍ରଧାନ ଗତ ମଙ୍ଗଳବାର ଖୋର୍ଦ୍ଧା ମେଡିକାଲକୁ ଆସିଥିଲେ। ସେଠାରୁ ଚିକିତ୍ସା ସାରି ଫେରିବା ବେଳେ ବାଇକ୍(ଓଡି୦୨ ଏଏଫ୮୪୮୧) ନ ପାଇ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୩୭୯ରେ ଏକ ମାମଲା(ନଂ.୩୭୯/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଉପରୋକ୍ତ ଯୁବକଙ୍କୁ ଧରିବା ପରେ ସେ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ଅନ୍ୟ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଥିଲା।

## ଲଳିତଙ୍କୁ ସୌରଭ ସାହିତ୍ୟ ପ୍ରତିଭା ସମ୍ମାନ



କୃଷ୍ଣପ୍ରସାଦ,୧୨।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବ୍ରହ୍ମପୁର ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମର ସାହିତ୍ୟିକ ଲଳିତ କୁମାର ସ୍ୱାଇଁଙ୍କୁ ସୌରଭ ସାହିତ୍ୟ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ପୋଲିସ ଅଧିକାରୀ ବିପ୍ର ଚରଣ ଆଚାର୍ଯ୍ୟ, ମେୟର ସଂଘମିତ୍ରା ଦଳାଇ, ନାଟ୍ୟକାର ଯାମିନୀକାନ୍ତ ଦାଶ, ଗାଳ୍ପିକ ଅମ୍ବିକା ପ୍ରସାଦ ଦାଶ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ସୁଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ନିଜର ସାହିତ୍ୟ ପ୍ରତିଭା ପାଇଁ ଲଳିତ ଓଡ଼ିଶାର ବହୁ ସ୍ଥାନରୁ ମଧ୍ୟ ସମ୍ମାନିତ ହୋଇଛନ୍ତି। ଏବେ ସେ ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ଥିବା ବେଳେ ଏଇ ସହକାର ପତ୍ରିକାର ସମ୍ପାଦନା ଦାୟିତ୍ୱରେ ଅଛନ୍ତି।

# ପିଲାଙ୍କ ସୃଜନଶୀଳତାର ବିକାଶ କରେ ସୁରଭି

ଖୋର୍ଦ୍ଧା,୧୨।୧୦ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ନରଣଗଡ଼ କ୍ଲଷ୍ଟରରେ ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଟି ପ୍ରତିଯୋଗିତାରେ ୧୦ ବିଦ୍ୟାଳୟରୁ ୧୧୦ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଛୋଟରାୟ, ସିଆର୍‌ସିସି ରେବତୀ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଜାଗୁଲାଇପାଟଣା କ୍ଲଷ୍ଟରରେ ପୁରୁସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି ଅନୁଷ୍ଠିତ ହୋଇଥିଲା। ୧୯ଟି ପ୍ରତିଯୋଗିତାରେ ୧୨ଟି ବିଦ୍ୟାଳୟରୁ ୧୦୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଲାଙ୍କ ପ୍ରତିଭାକୁ ସୁରଭି ବିକଶିତ କରିବା ଦିଗରେ ସହାୟକ ହୋଇଥାଏ ବୋଲି ଅତିଥିମାନେ କହିବା ସହ ଗୁଣାତ୍ମକ ଶିକ୍ଷା ଓ ସୃଜନଶୀଳ ଶକ୍ତିର ବିକାଶ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅମିୟ କୁମାର ପରିଡ଼ା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। କାଇପଦର କ୍ଲଷ୍ଟରର କାଇପଦର ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା ବାଗେଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓ ସହକାରୀ ଶିକ୍ଷକ ବେଣୁଧର ମହାପାତ୍ରଙ୍କ ସଭାପତିତ୍ୱରେ ବିଭିନ୍ନ ପ୍ରତିଯୋଗିତା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ବିଦ୍ୟାଳୟରୁ ୧୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅତିଥିମାନେ ଶୃଙ୍ଖଳା ଜ୍ଞାନ ବିକାଶ ଉପରେ ଗୁରୁତ୍ୱ ଦେବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# ରାଜଧାନୀ ଉଚ୍ଚ ମାଧ୍ୟମିକ ସ୍କୁଲ ଚାମ୍ପିୟନ

ବେଗୁନିଆ,୧୨।୧୦(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟ ଖେଳପଡିଆ ଠାରେ ଚାଲିଥିବା ତ୍ରିଦିବସୀୟ ଆନ୍ତଃ ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କେରଙ୍ଗ ସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ସ୍କୁଲକୁ ୪-୨ ଟାଇବ୍ରେକରରେ ପରାସ୍ତ କରି ଭୁବନେଶ୍ୱରସ୍ଥିତ ରାଜଧାନୀ ହାଇସ୍କୁଲ ଚାମ୍ପିୟନ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ବେଗୁନିଆ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗତ ୧୦ ତାରିଖରୁ ଆୟୋଜିତ ହୋଇଥିବା ଏହି ବାଳକ ବର୍ଗର ଫୁଟବଲ ଟୁର୍ନାମେଣ୍ଟରେ ୧୨ଟି ଉଚ୍ଚ ମାଧ୍ୟମିକ ସ୍କୁଲ ଅଂଶଗ୍ରହଣ କରିଥିଲେ। ସୂର୍ଯ୍ୟମଣି ମାଝୀ, ଭଞ୍ଜ କିଶୋର ଜତି, ଲକ୍ଷ୍ମୀଧର ଚୌଧୁରୀ ଏବଂ ଏମ.ଏସ.ବେଗ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ଯେ, ବେଗୁନିଆ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ଅଧ୍ୟାପକ ନବକିଶୋର ବିଶୋୟୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତରୁଣ ମହାପାତ୍ର, ପ୍ରଶାନ୍ତ ଜେନା, ସୁପ୍ରଭା ପାତ୍ର, ପ୍ରମୋଦ ମହାନ୍ତି, ଦୀପକ ମାର୍ଥା ପ୍ରମୁଖ ସହଯୋଗ କରିଥିଲେ।



ଆନ୍ତଃ ଉଚ୍ଚ ମାଧ୍ୟମିକ ସ୍କୁଲ ସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଶାରୀରିକ, ମାନସିକ ସୁସ୍ଥତା ପାଇଁ କ୍ରୀଡ଼ା ଜରୁରୀ

ବାଲୁଗାଁ,୧୨।୧୦(ସଂଗ୍ରାମ ପାଇକରାୟ)




ବାଲୁଗାଁ କଲେଜର ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲୁଗାଁ କଲେଜର ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବାସ କୁମାର ସୁନ୍ଦରାୟ, ମୁଖ୍ୟବକ୍ତା ପୂର୍ବତନ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗଦେଇ କହିଥିଲେ, କ୍ରୀଡ଼ା ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶାରୀରିକ, ମାନସିକ ସୁସ୍ଥତା ପାଇଁ କ୍ରୀଡ଼ା ଜରୁରୀ। ପ୍ରତ୍ୟେକ ଦିନ ଶାରୀରିକ ବ୍ୟାୟାମ, ଯୋଗାସନ, ପ୍ରାଣାୟମ କରିବା ଉଚିତ। କେନ୍ଦ୍ର ଓ ରାଜ୍ୟ ସରକାର ଏବେ କ୍ରୀଡାକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ସମସ୍ତ ଛାତ୍ରୀଛାତ୍ର ପାଠ ପଢ଼ିବା ସହିତ କ୍ରୀଡ଼ା ପ୍ରତି ଆଗ୍ରହ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ସଂସଦର ବରିଷ୍ଠ ଉପସଭାପତି ମୃଣାଳି ଶଙ୍କର ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ +୨ ବାଳକ ବିଭାଗରେ ସୁମେଶ ସାମନ୍ତରାୟ, ବାଳିକା ବିଭାଗରେ ସାଲୋନି ପାତ୍ର, +୩ ବାଳକ ବିଭାଗରେ ରାଜେଶ ବେହେରା, ବାଳିକା ବିଭାଗରେ ନୀଲମ ସାହୁ ଚାମ୍ପିୟନ ହୋଇ ସମ୍ମାନିତ ହୋଇଥିଲେ। ସେହିପରି କରାଟେରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା +୨ ଦ୍ୱିତୀୟ ବର୍ଷର ଛାତ୍ରୀ ସାଲୋନି ପାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ଡ. ସନ୍ତୋଷ କୁମାର ରଥ, ବାଳକୃଷ୍ଣ ପାଢ଼ୀ, ମନୋଜ କୁମାର ନାୟକ, ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଧୋବୀ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଜୟ୍ ମଲ୍ଲିକ ରାଜ୍ୟ କଂଗ୍ରେସର ଯୁବ ସଂଯୋଜକ

ଚାରିଛକ,୧୨।୧୦ (ଶିଶିର ସ୍ୱାଇଁ)



ଅଖିଳ ଭାରତ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆଙ୍କ ଅନୁମୋଦନକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ସୋସିଆଲ ମିଡ଼ିଆ(ବହୁଜନ କି ଆୱାଜ)ର ଏକ ରାଜ୍ୟ କମିଟି ଗଠନ କରାଯାଇଛି। କମିଟିରେ ପୁରୀ ଜିଲା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ଯୁବନେତା ବିଜୟ ମଲ୍ଲିକଙ୍କୁ ରାଜ୍ୟ ଯୁବ ସଂଯୋଜକ ଭାବେ ଚୟନ କରାଯାଇଛି। ରାଜ୍ୟ କମିଟିରେ ମଲ୍ଲିକଙ୍କୁ ଏକ ପଦ ପଦବୀ ମିଳିଥିବାରୁ ନିମାପଡ଼ା ବ୍ଲକ ସଭାପତି ବିଜୟ ପ୍ରଧାନ, ଅଜୟ ବାରିକ, ରଶ୍ମିରଞ୍ଜନ ସ୍ୱାଇଁ, ପବିତ୍ର ପ୍ରଧାନ, ରାମଚନ୍ଦ୍ର ଜେନା, ସନ୍ତୋଷ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିଯୋଗୁ ନିମାପଡ଼ା କଂଗ୍ରେସ କର୍ମୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି।

### ଆଜି ସତ୍ୟବାଦୀରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧୨।୧୦(ଭରତ ରାଉତ)

ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନରେ ଭିତ୍ତିଭୂମି ସୁଦୃଢ଼ ପାଇଁ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାକୁ ମୁଖ୍ୟମନ୍ତ୍ରୀ ଅଭାସୀ ମାଧ୍ୟମରେ ଶୁକ୍ରବାର ଅପରାହ୍ନରେ ସତ୍ୟବାଦୀରେ ଶୁଭାରମ୍ଭ କରିବେ। ଏହି ଯୋଜନାର ଫୋକସରେ ରହିବ ପ୍ରତି ଗାଁ ଓ ପଞ୍ଚାୟତ। ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତି ଓଡ଼ିଶାର ସଂସ୍କୃତିର ମୂଳଭିତ୍ତିକୁ ସୁଦୃଢ଼ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମୂଳଦୁଆ ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଅବସରରେ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ସମସ୍ତ ଜିଲା ପରିଷଦ ଓ ପଞ୍ଚାୟତ ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରପଞ୍ଚମାନେ ଉପସ୍ଥିତ ରହିବେ ବୋଲି ସତ୍ୟବାଦୀ ବିଡିଓ ଲିପ୍ସା ରାୟ କହିଛନ୍ତି ।

### ସାଇବର ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ବଳଙ୍ଗା,୧୨।୧୦(କେଦାରେଶ୍ୱର ନନ୍ଦ):

ପୁରୀ ଜିଲା ସାଇବର ଅପରାଧ ସେଲ୍ ଓ ବଳଙ୍ଗା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋମବାର ଏକ ସାଇବର ନିରାପତ୍ତାଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାଇବର ସେଲ୍‌ର ସହକାରୀ ଉପ ନିରୀକ୍ଷକ ଗଙ୍ଗାଧର ନାୟକ, ବଳଙ୍ଗା ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ବେହେରା, ଆଦିତ୍ୟ କୁମାର ଦାଶ ଓ ରାଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରାଇଥିଲେ।

### ୧୦ ମହିଳାଙ୍କୁ ମିଳିଲା ସ୍କୁଟି

ଡେଲାଙ୍ଗ,୧୨।୧୦ (ରଶ୍ମିରଞ୍ଜନ ପ୍ରଧାନ):

ସଶକ୍ତ ମହିଳା ଓ ସଶକ୍ତ ଓଡିଶା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି ମିଶନ ଶକ୍ତି ସ୍କୁଟର ଯୋଜନା। ମହିଳାମାନଙ୍କ ପାଇଁ ଏହି ଜନହିତକର ଯୋଜନାରେ ଡେଲାଙ୍ଗ ବ୍ଲକରେ ୧୦ ଜଣ ମହିଳାଙ୍କୁ ବୁଧବାର ବ୍ୟାଙ୍କ ପକ୍ଷରୁ ସ୍କୁଟି ପ୍ରଦାନ କରାଯାଇଛି। ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମାବେଶରେ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ୟୁକୋ ବ୍ୟାଙ୍କ ଡେଲାଙ୍ଗ ଶାଖା ପ୍ରବନ୍ଧକ ଯୋଗେଶ ଚନ୍ଦ୍ର ପ୍ରଧାନ, ସିଡିପିଓ ଜାପାନୀ ମିତ୍ର, ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ନନ୍ଦିତା ସ୍ୱାଇଁ, ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ବିଦ୍ୟୁଲତା ସ୍ୱାଇଁ, ସମ୍ପାଦିକା ପ୍ରତିମା ଦାସ, ସଂଘମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଯୋଜନାରେ ବ୍ୟାଙ୍କ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ ପ୍ରଦାନ କରୁଥିବା ବେଳେ ସୁଧ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ବହନ କରାଯିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଯୋଜନା ପାଇଁ ୧୭୨ ଜଣ ମହିଳା ଆବେଦନ କରିଥିବା ବେଳେ ୨୪ଜଣ ମହିଳାଙ୍କୁ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ ମଞ୍ଜୁର କରାଯାଇଛି। ଏହା ସହିତ ୧୦ ଜଣ ମହିଳାଙ୍କୁ ସ୍କୁଟର ପ୍ରଦାନ କରାଯାଇଛି। ୟୁକୋ ବ୍ୟାଙ୍କ ଡେଲାଙ୍ଗ ଶାଖା ପକ୍ଷରୁ ୨ , ଓଡିଶା ଗ୍ରାମ୍ୟବ୍ୟାଙ୍କ କଣ୍ଟି ଶାଖା ପକ୍ଷରୁ ୩ ଓ ଓଡିଶା ଗ୍ରାମ୍ୟବ୍ୟାଙ୍କ ଘୋରଡିଆ ଶାଖା ପକ୍ଷରୁ ୫ ଜଣଙ୍କୁ ସ୍କୁଟି ପ୍ରଦାନ କରାଯାଇଛି।

# 'ଭକ୍ତଙ୍କୁ ଶାଳୀନ ପୋଷାକ ପିନ୍ଧିବା ନେଇ ସଚେତନ କର'

**ସମସ୍ତ ନିଯୋଗ, ପ୍ରଶାସନ, ହୋଟେଲକୁ ଚିଠି ଲେଖିଲା ଶ୍ରୀମନ୍ଦିର ପ୍ରଶାସନ**

ପୁରୀ, ୧୨।୧୦(ଅଜିତ ମହାନ୍ତି):

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ପ୍ରସଙ୍ଗରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଚିଠି ମାଧ୍ୟମରେ ସମସ୍ତ ନିଯୋଗ ସମ୍ପାଦକ ଏବଂ ସଭାପତିଙ୍କୁ ଅବଗତ କରାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ଗତ ୯ ତାରିଖରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ କରାଯାଇଛି। ଭକ୍ତମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିବା ବାଞ୍ଛନୀୟ। ଏଥିନିମନ୍ତେ ନିର୍ଦ୍ଦିଷ୍ଟ କୌଣସି ପୋଷାକ ତାଲିକା ଧାର୍ଯ୍ୟ କରାଯାଇନାହିଁ। ତେବେ ପୁରୁଷମାନେ ପ୍ୟାଣ୍ଟ, ଶାର୍ଟ, ଚୁଡ଼ିଦାର ପଞ୍ଜାବୀ, ଧୋତି ଆଦି ପାରମ୍ପରିକ ପୋଷାକ ପିନ୍ଧିପାରିବେ। ସେହିପରି ମହିଳାମାନେ ଶାଢ଼ି, ସାଲୱାର କମିଜ ପରି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ, ଯାହା ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ସହ ଆଧ୍ୟାତ୍ମିକ ସମର୍ପଣ ମନୋଭାବ ସଞ୍ଚରଣ କରିବ। ସେବାୟତମାନେ କେଉଁ ଅନାଦି କାଳରୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ମହିମାର ପ୍ରଚାର ପ୍ରସାର କରିଆସୁଛନ୍ତି। ଦୂରାଗତ ଭକ୍ତମାନେ ସେବାୟତଙ୍କ ସହଯୋଗରେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇଥାନ୍ତି। ତେଣୁ ବାହାରୁ ଆସୁଥିବା ଭକ୍ତଙ୍କୁ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ ନେଇ ପ୍ରଶିକ୍ଷିତ ଓ ସଚେତନ କରିବା ପାଇଁ ଚିଠିରେ ଅନୁରୋଧ କରାଯାଇଛି। ବିଶେଷକରି ଭକ୍ତମାନେ ହାଫ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସ, ଅନାବଶ୍ୟକ ଶରୀର ପ୍ରଦର୍ଶନ ଏବଂ ଧାର୍ମିକ ଭାବନାକୁ କୁଠାରାଘାତ କରୁଥିବା ଯେ କୌଣସି ପୋଷାକ ବର୍ଜନୀୟ। ବର୍ତ୍ତମାନ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ଆସନ୍ତା ନବବର୍ଷଠାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇପାରେ। ମହାନ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସୁରକ୍ଷା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସେବାୟତ ନିଯୋଗ ଠାରୁ ସହାୟତା ଲୋଡୁଛି ବୋଲି ଚିଠିରେ ଦର୍ଶାଯାଇଛି। ପୁରୀର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟର ମାଲିକ ଓ କର୍ମଚାରୀମାନେ ଏନେଇ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ କୁହାଯାଇଛି। ଆବଶ୍ୟକସ୍ଥଳେ ପଦକ୍ଷେପ ନେବାକୁ ଆରକ୍ଷୀ ଅଧୀକ୍ଷକ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ, ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ଉନ୍ନୟନ ପ୍ରଶାସନ, ଉପଜିଲାପାଳ, ସିଂହଦ୍ୱାର ଥାନା ଅଧିକାରୀ, ଶ୍ରୀମନ୍ଦିର କମାଣ୍ଡର ଓ ସୁପରଭାଇଜରଙ୍କ ସମେତ ସମସ୍ତ ଭକ୍ତନିବାସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ନିକଟକୁ ଏହି ଚିଠିର ନକଲ ପଠାଯାଇଛି।



ପୁରୀ: ଗୁରୁବାର ମା' ବାଙ୍କୀ ମୂହାଣ ରାମଚଣ୍ଡୀଙ୍କ ବଗଳାମୁଖୀ ବେଶ ।

# ପଟ୍ଟଚିତ୍ର ଦେଖି ବିମୋହିତ ହେଲେ ଆଇଏଏସ୍ ଅଧିକାରୀ



- ଐତିହ୍ୟ ଗାଁ ରଘୁରାଜପୁର ବୁଲିଲେ
- ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ପରିଦର୍ଶନ କଲେ

ପୁରୀ, ୧୨।୧୦ ଅଜିତ୍ ମହାନ୍ତି):

ବିହାର କ୍ୟାଡରର ୧୦ ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ଆଇଏଏସ୍) ଗୁରୁବାର ଐତିହ୍ୟ ଗ୍ରାମ ରଘୁରାଜପୁର ଗସ୍ତରେ ଆସିଥିଲେ। ଅଧିକାରୀମାନେ ଗାଁ ବୁଲି ପଟ୍ଟଚିତ୍ର ଦେଖିବା ସହ ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ବିକ୍ରି ବ୍ୟବସ୍ଥା, ଲାଭକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ପଟ୍ଟଚିତ୍ର କଳାକାରଙ୍କ ତାଲିମ, କଞ୍ଚାମାଲ, ବିକ୍ରି ପାଇଁ ବଜାର ସୁବିଧା, ଆବଶ୍ୟକତା ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ ବାର୍ତ୍ତାଳାପ କରି ପଟ୍ଟଚିତ୍ର କ୍ରୟ କରିଥିଲେ। ଏହା ଏକ ଚମତ୍କାର ଅନୁଭବ ଓ ଅତି ସୁନ୍ଦର କୁଟୀର ଶିଳ୍ପ। ଏହାକୁ ଆହୁରି ଅଧିକ ଋଦ୍ଧିମନ୍ତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ସେମାନେ କାର୍ଯ୍ୟ କରିବାକୁ ଥିବା ଅଞ୍ଚଳରେ ଏହି ଶିଳ୍ପ ବା କଳାର ଉପଯୋଗ ବିଷୟରେ ଚିନ୍ତା କରାଯାଇପାରେ ବୋଲି କହିଥିଲେ। ଅଧିକାରୀମାନେ ରଘୁରାଜପୁରରେ ପହଞ୍ଚିବା ପରେ ସହକାରୀ ଜିଲାପାଳ ଆଶୁତୋଷ ଦେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ହସ୍ତଶିଳ୍ପ ନିଗମର ଉପନିର୍ଦ୍ଦେଶକ ଉମାପତି ବେହେରା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ହସ୍ତଶିଳ୍ପୀ ଗୁରୁ ବିଶ୍ୱନାଥ ସ୍ୱାଇଁ, ଲକ୍ଷ୍ମୀଧର ସୁବୁଦ୍ଧି, ଅଭିରାମ ଦାସ ପ୍ରମୁଖ ଅନେକ ଗୁରୁ ଓ କଳାକାର ପଟ୍ଟଚିତ୍ର ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ପରେ ଅଧିକାରୀମାନେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ।

ପୂର୍ବରୁ ଏହି ଅଧିକାରୀମାନେ ପିପିଲି ମିଶନ ଶକ୍ତିର କାଫେ ଦେଖିବା ସହ ଏହାର ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଅଧିକାରୀମାନେ ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

### ବିଜେଡିର କର୍ମୀ ସମାବେଶ, ସାଙ୍ଗଠନିକ ବୈଠକ

ନିମାପଡ଼ା,୧୨।୧୦(ବିଚିତ୍ରାନନ୍ଦ ସାହୁ)/ ବଳଙ୍ଗା,(କେଦାରେଶ୍ୱର ନନ୍ଦ)

ନିମାପଡ଼ା ବ୍ଲକ ଅଧୀନ ଗଡ଼ପଦନପୁର ଗ୍ରାମପଞ୍ଚାୟତ ବିଜେଡି ପକ୍ଷରୁ ଏକ କର୍ମୀ ସମାବେଶ ଓ ସାଙ୍ଗଠନିକ ବୈଠକ ଗୁରୁବାର ପଞ୍ଚାୟତର ଉଗ୍ରେଶ୍ୱର ଦେଉଳିଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତୃଣମୂଳ ବୁଥସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ, ଶକ୍ତିଶାଳୀ କରିବା, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗାଁଗଣ୍ଡାର ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ବରିଷ୍ଠ ବିଜେଡି ନେତା ନରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ମିଶ୍ର, ସୁବାସ ମିଶ୍ର, ଅମୂଲ୍ୟ ରଥ, ମିହିର ମିଶ୍ର ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ବହୁ ମହିଳାଙ୍କ ସମେତ ପ୍ରାୟ ୩ଶହ କର୍ମୀ ଓ ପଞ୍ଚାୟତର ନେତୃତ୍ୱମାନେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ବିଜେଡିକୁ ବିଜୟୀ କରାଇବାକୁ ବୈଠକରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ସାମୂହିକ ଭାବେ ସଂକଳ୍ପ ନେଇଥିଲେ।

# 'ଆଧ୍ୟାତ୍ମିକ ଚିନ୍ତନ ଜରୁରୀ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ଗୋପ, ୧୨।୧୦ (ଭାରତୀ ଭୂଷଣ ଉପାଧ୍ୟାୟ):

ଶିକ୍ଷା ସହିତ ଶୃଙ୍ଖଳିତ ହେବାର ଆବଶ୍ୟକତା ଥିବା ବେଳେ ଅଧିକ ମାତ୍ରାରେ ଆଧ୍ୟାତ୍ମିକ ଚିନ୍ତନ କରିବା ନିହାତି ଜରୁରୀ ବୋଲି ଗୁରୁବାର ଗୋପ ବ୍ଲକ ଅନ୍ତର୍ଗତ ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଦିବସ ଅବସରରେ ମହନ୍ତ ମହାରାଜ ରାମକୃଷ୍ଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏହା କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୁରୀର ମହିପ୍ରକାଶ ମଠର ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, ବନ୍ତଳିଗ୍ରାମ ପଞ୍ଚାୟତର ସରପଞ୍ଚ ମହେଶ୍ୱର ସ୍ୱାଇଁ, ୬୬୨ ସଂଗଠନ ରାଜ୍ୟ ସଭାପତି ଗୋଲକ ନାୟକ, ରାଜ୍ୟ ସମ୍ପାଦକ ସଦ୍ଭାବ ଉଦ୍ଦିନ୍ ଅହମ୍ମଦ, ଜ୍ୟୋତ୍ସ୍ନା ରାଣୀ ବସ୍ତିଆ, ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିରାଟ କିଶୋର ନାୟକ, ଗଣେଶ ଚନ୍ଦ୍ର ଜେନା,ଅଜୟ କୁମାର ସାହୁ, ଡ. ବନମାଳୀ ବେହେରା, ଶିବାନୀ ବାରିକ, ବାସନ୍ତୀ ଦାଶ, ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସାକ୍ଷୀଗୋପାଳ, ୧୨।୧୦ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର) :




ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ସତ୍ୟବାଦୀର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବସୁନ୍ଦର ମିଶ୍ର ଏହି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଜୀବନରେ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଆଥ୍‌ଲେଟିକ୍ ସଭାପତି ଡ. ଶଙ୍କର୍ଷଣ ପ୍ରଧାନ ଓ ସ୍ୱର୍ଣ୍ଣଲତା ମହାରୀ ଯୋଗଦେଇ ଏସିଆନ୍ କ୍ରୀଡାରେ ପୁରୀ ଜିଲା ବ୍ରହ୍ମଗିରିର ଯୁବ ଆଥଲେଟିକ୍ କିଶୋର ଜେନାଙ୍କ ସଫଳତାକୁ ପ୍ରଶଂସା କରିଥିଲେ। କ୍ରୀଡା କ୍ଷେତ୍ରରେ ସଠିକ ଭାବେ ନିଜକୁ ଗଢିପାରିଲେ ସଫଳତା ନିଶ୍ଚୟ ସମ୍ଭବ ହୋଇପାରିବ ବୋଲି କହିବା ସହ ବାର୍ଷିକ କ୍ରୀଡାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ସାମନ୍ତରାୟଙ୍କ ୩୫ତମ ଶ୍ରାଦ୍ଧୋତ୍ସବ

କଣାସ, ୧୨।୧୦ (ବିଭୂତି ଭୂଷଣ ତ୍ରିପାଠୀ):




କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ସାମନ୍ତରାୟ ଥିଲେ ନିଷ୍କପଟ, ମେଳାପି ବ୍ୟକ୍ତି। ଅଞ୍ଚଳର ବିକାଶ ପାଇଁ ତାଙ୍କର ଉଦ୍ୟମ ଅତୁଳନୀୟ ଥିଲା ବୋଲି କଣାସ ବ୍ଲକ ଦୋଛିଆଁରେ ଅନୁଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ସାମନ୍ତରାୟଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାଜସେବୀ ଅପର୍ତ୍ତି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଜଗଦ୍ଦେବ, ସମ୍ମାନିତ ଅତିଥି ବିପିନ କୁମାର ଜୟସିଂହ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ, ସାମାଜିକ କର୍ମୀ ସଂଗ୍ରାମ କେଶରୀ ଭ୍ରମରବର ରାୟ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାମନ୍ତରାୟଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହିଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# 'ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯିବ'

କୋଣାର୍କ, ୧୧।୧୦(ଜ୍ୟୋତିରାଜ ମହାନ୍ତି):

ଜମିଜମା ସମସ୍ୟା ସମାଧାନ ନିମନ୍ତେ ବୁଧବାର କୋଣାର୍କ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜିଲା ପ୍ରଶାସନ ଏବଂ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ନାୟକ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଭୂ-ସେଟଲମେଣ୍ଟ ଅଫିସର, କୋଣାର୍କ ଥାନା ଦାୟିତ୍ୱରେ ଥିବା ରାମଚଣ୍ଡୀ ଥାନା ଅଧିକାରୀ ସୁରେଶ ପୃଷ୍ଟି ଯୋଗଦେଇ ୧୦ଟି ମୌଜାର ଜମିଜମା ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ୧୯୨୭-୨୮ ମସିହାରେ ଦିଆଯାଇଥିବା ଜମିପଟ୍ଟା ମୁତାବକ ମୌଜାରେ ଥିବା ସମସ୍ୟାକୁ ଜିଲା ପ୍ରସାଶନ ପକ୍ଷରୁ ଖୁବ୍‌ଶୀଘ୍ର ସମାଧାନ କରାଯିବା ନିମନ୍ତେ ପ୍ରୟାସ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଲୋକଙ୍କ ତତ୍କାଳୀନ ରେକର୍ଡ ଜମିର ସମସ୍ତ କାଗଜପତ୍ର ତୁରନ୍ତ ଜିଲା ପ୍ରଶାସନ ନିକଟରେ ଦେବା ନିମନ୍ତେ ଅନୁରୋଧ କରିଥିଲେ ଯାହାକୁ ନେଇ ଆଗାମୀ ପ୍ରକ୍ରିୟା ଆରମ୍ଭ କରାଯାଇପାରିବ। ସୂଚନାଥାଉ କି କୋଣାର୍କ-ଗୋପ ତହସିଲ ଅଞ୍ଚଳର ୧୦ଟି ମୌଜାର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ଡାକରାରେ ଗତ ୪ ତାରିଖରେ କୋଣାର୍କ-ପିପିଲି ମୁଖ୍ୟ ରାସ୍ତାର କୋଣାର୍କ ଭଗବତୀ ମହାବିଦ୍ୟାଳୟ ଛକରେ ରାସ୍ତାରୋକୋ କରାଯାଇଥିଲା।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

# ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**୧୭ ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ ସଦର ଓ ବାଳିକାରେ ଗୋପ ଚାମ୍ପିୟନ**

କାକଟପୁର,୧୨।୧୦(ଶୁଭଦର୍ଶନ ମିଶ୍ର)



ଉଦ୍‌ଯାପନୀ ଦିବସରେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ପୁରୀ ଜିଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ବାଳକ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ ସଦର ଓ ବାଳିକା ବର୍ଗରେ ଗୋପ ବ୍ଲକ ଚାମ୍ପିୟନ ଏବଂ ଡେଲାଙ୍ଗ ଓ ପିପିଲି ବ୍ଲକ ରନର୍ସ ଅପ ହୋଇଛି। ସେହିପରି ୧୪ ବର୍ଷ ଉଭୟ ବାଳକ ଓ ବାଳିକା ବର୍ଗରେ ଡେଲାଙ୍ଗ ବ୍ଲକ ଚାମ୍ପିୟନ ହୋଇଥିବାବେଳେ ରନର ଅପ ଭାବେ ବାଳକ ବର୍ଗରେ ବ୍ରହ୍ମଗିରି ଓ ବାଳିକା ବର୍ଗରେ ପୁରୀସଦର କପ୍ ଓ ପ୍ରମାଣପତ୍ର ଲାଭ କରିଛି। ମୁଖ୍ୟ ଅତିଥି ଭାବେ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଯୋଗଦେଇ କୃତୀ କ୍ରୀଡ଼ବିତ୍‌ଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅଭୟ ସେଠୀ, ସାମାଜିକ କର୍ମୀ ରତିକାନ୍ତ ବେହେରା, ପ୍ରଶାସକ ପ୍ରଭାତ ତରାଇ, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୁରୀ ଜିଲା ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର ବିଶ୍ୱାଳ ୨ ଦିନର ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରତାପ ରାଉତ ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାଳିକାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ପୀତବାସ ଦୀକ୍ଷିତ୍ ଧନ୍ୟବାଦ ଦେଇଥିଲେ। ପୁରୀ ଜିଲା ଅଧୀନ ୧୧ଟି ବ୍ଲକର ମୋଟ ୪୦୭ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯୋଗ୍ୟ ବିବେଚିତ କ୍ରୀଡ଼ାବିତ୍ ଆସନ୍ତା ୧୬ ତାରିଖରୁ ଗଞ୍ଜାମ ଜିଲାରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ସ୍ୱାଇଁ, ସୁଧାଂଶୁ ମୋହନ ବିଶ୍ୱାଳ, ମାନସ ରଞ୍ଜନ ବିଶ୍ୱାଳ, ରାଜକିଶୋର ନାୟକ, ପ୍ରଦୀପ କର, ଜ୍ଞାନରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

